CMYK

- Vol.- 46, Issue No. 72
- Friday,12 June 2026
- ଶୁକ୍ରବାର, ୧୨ ଜୁନ୍ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

3001/34/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

୨ ବର୍ଷରେ ଗୁଣା ବିକାଶ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବିକାଶର ଧାରା ଓଡ଼ିଶା ସାରା

### ରାଜ୍ୟ ସରକାରଙ୍କ ୨ ବର୍ଷର ଉପଲବ୍ଧି ସମ୍ବଳିତ ପ୍ରଦର୍ଶନୀର ଶୁଭ ଉଦ୍‌ଘାଟନ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର**
ମନ୍ତ୍ରୀ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର-ଭୁବନେଶ୍ୱର

**ପ୍ରମୁଖ ପ୍ରକଳ୍ପ ଓ ଯୋଜନାର ଶୁଭାରମ୍ଭ**

- "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା"ର ଶୁଭାରମ୍ଭ
- ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକ୍ସଠାରୁ ଇନଫୋସିଟି ଭାୟା ଏକାମ୍ର କାନନ ରାସ୍ତାର ଉଦ୍‌ଘାଟନ
- ୫୭୪ କୋଟି ଟଙ୍କାର ଜନାଶ୍ରୟ ଭବନ, ୟୁନିଟ୍-୨, ଭୁବନେଶ୍ୱରର ଭିତ୍ତିପ୍ରସ୍ତର ସ୍ଥାପନ
- ଜୟଦେବ ବିହାର ଓ ନନ୍ଦନକାନନ ରୋଡ଼ର କାର୍ଯ୍ୟାରମ୍ଭ
- ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଲେଡି ସୁପରଭାଇଜର ଓ ବ୍ଲକ ସଂଯୋଜକମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନର ଶୁଭାରମ୍ଭ
- "ସୁଭଦ୍ରା ଶକ୍ତି ସଂବାଦ" ର ଶୁଭାରମ୍ଭ

**୧୨ ଜୁନ୍ ୨୦୨୬ | ଅପରାହ୍ନ ୪:୦୦ ଘଟିକା | ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର**

OIPR-3001/3029/2/26-27/0014



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

CMYK

ତିଥି :(ଦ୍ୱାଦଶୀ): (ଅଶ୍ୱିନୀ ମେଷ)
ଅମୃତ ବେଳା: ଦିବା ଘ ୧୧।୩୪ ଗତେ ଘ ୧।୫୮ ମଧ୍ୟେ

## ଆଜିର ଅନୁଚିନ୍ତନ



ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଦ୍ଧି, ନିର୍ବୈରଭାବ ଏବଂ ସମ୍ମାନ ନ ଚାହିଁବା, ହେ ଭରତବଂଶଜ ଅର୍ଜୁନ! ଏସବୁ ଦୈବୀସମ୍ପଦପ୍ରାପ୍ତ ମନୁଷ୍ୟଙ୍କର ଲକ୍ଷଣ ଅଟେ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଉତ୍ତାପର ମୁକାବିଲା

କେବେ ଅଦିନିଆ ଅତ୍ୟଧିକ ବର୍ଷା, ଆଉ କେବେ ପ୍ରଚଣ୍ଡ ରୌଦ୍ର ପ୍ରକୋପ। ଗତ କିଛିବର୍ଷ ହେବ ପ୍ରକୃତିର ଏପରି ରୂପରେ ଗ୍ରୀଷ୍ମର ପ୍ରଚଣ୍ଡତା ଏତେ ତୀବ୍ର ହୋଇଛି ଯେ ସାଧାରଣ ଲୋକଙ୍କ ଜୀବନଯାପନ ଅତ୍ୟନ୍ତ କଷ୍ଟକର ହୋଇପଡିଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଅନୁଭୂତ ତାପମାତ୍ରା ୫୦ଡିଗ୍ରୀ ଅତିକ୍ରମ କରିଥିବା ଭଳି ମନେ ହେଉଛି। ଯେପରି ବୋଧହେଉଛି ଏବେ ଆମେ ମଣିଷ ଚିଡ଼ିଆଖାନା ଭିତରେ ହିଁ ବାସ କରୁଛୁ।ମନେ ରଖିବାକୁ ହେବ ଯେ ପ୍ରକୃତିର ପଞ୍ଚମହାଭୂତ ଆମ ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ତାହା ଗଛ ବା ଧରିତ୍ରୀ ହେଉ କି ଜଳ ଅବା ଅନ୍ୟ ମହାଭୂତ। ଏ ସଂପର୍କରେ ଏକ କାହାଣୀ ଏଠାରେ ଉପସ୍ଥାପିତ କରାଯାଇପାରେ।

ଜଣେ ଥିଲେ ରାଜା । ଖୁବ୍ ଲୋଭୀ। ବହୁ ରାଜ୍ୟ ଜୟ କରିବା ଓ ସେଠାକାର ସବୁ ସୁନାର ମାଲିକ ହେବା ତାଙ୍କର ଥିଲା ଲକ୍ଷ୍ୟ। ଏମିତିରେ ଏକ ରାଜ୍ୟ ଜୟ କରି ଏକଦା ଫେରିବାବେଳେ ବାଟରେ ପଡ଼ିଥିଲା ଏକ ମରୁଭୂମି। ମରୁଭୂମିର ମଧ୍ୟଭାଗରେ ପହଞ୍ଚିଥିବା ସୈନିକମାନେ ଯେତିକି କ୍ଳାନ୍ତ ହୋଇପଡ଼ିଥିଲେ, ସେତିକି ଶୋଷରେ ଆଉଟୁପାଉଟୁ ହୋଇଥିଲେ। ନିଜ ନିକଟରେ ଥିବା ସବୁ ପିଇବା ପାଣି ଶେଷ କରିଦେଇଥିଲେ। ପ୍ରଚଣ୍ଡ ତାତି ଯୋଗୁଁ ପୁଣି ତୃଷାର୍ତ୍ତ ହୋଇଥିଲେ। ପରିଶେଷରେ ଜଣକ ପରେ ଜଣେ ସୈନିକଙ୍କ ମୃତ୍ୟୁ ଘଟିଥିଲା। ରାଜାଙ୍କ ପ୍ରାଣ ମଧ୍ୟ କଣ୍ଠାଗ୍ରତ ହୋଇଥିଲା। କାରଣ ତାଙ୍କ ନିକଟରେ ଥିବା ଶେଷ ପାଣି ମୁନ୍ଦାକ ସରିଯାଇଥିଲା। ସେ ଥିଲେ ଆହୁରି ତୃଷାର୍ତ୍ତ। ସେତିକିବେଳେ ଓଟ ପିଠିରେ ଚଢି ଜଣେ ବୃଦ୍ଧ ସେହି ନିକଟ ଦେଇ ମରୁଭୂମି ଅତିକ୍ରମ କରିବାବେଳେ ତାଙ୍କ ଚମଡା ଥଳିରେ ଥିଲା କିଛି ପାଣି। ରାଜା ଏହା ଜାଣି ଆତୁର ହୋଇ ମାଗିଲେ ଏବଂ ବିନିମୟରେ ନିଜ ନିକଟରେ ଥିବା ସମସ୍ତ ସୁନା ଦେବାକୁ ପ୍ରସ୍ତୁତ ହେଲେ। ମାତ୍ର ବୃଦ୍ଧ ଜଣଙ୍କ ଥିଲେ ଜ୍ଞାନୀ। କହିଲେ- ପାଣି ଦେଉଛି ପିଅ, ଶୋଷ ମେଣ୍ଟାଅ। ମାତ୍ର ସୁନା ବଦଳରେ ପାଣିକୁ ତୁଳନା କରନାହିଁ। ଏପରି ମାଗି ମରୁଭୂମିରେ ପାଣିର ମୂଲ୍ୟକୁ ନ୍ୟୂନ କରନାହିଁ। ପାଣି ହେଉଛି ଜୀବନ ଓ ଦୁର୍ମୂଲ୍ୟ। ରାଜାଙ୍କର ଭାବାନ୍ତର ସୃଷ୍ଟି ହୋଇଥିଲା। ରାଜ୍ୟ ଆକ୍ରମଣ ପୂର୍ବକ ବିଜୟ ନିଶା ଛାଡ଼ିଯାଇଥିଲା। ଜନମଙ୍ଗଳ ପ୍ରତି ମନ ବଳିଥିଲା। ଜଳାଶୟ, କୂପଖନନ ଓ ଜଳଯୋଗାଣର ଯାବତୀୟ ପଦକ୍ଷେପ ନେଇ ପରବର୍ତ୍ତୀ ସମୟରେ ଜଣେ ପରୋପକାରୀ ରାଜା ଭାବେ ଖ୍ୟାତ ହେଲେ।

ଏ କାହାଣୀ ଏତିକି। ମାତ୍ର ଏଥିରେ ବାର୍ତ୍ତାଟି ଖୁବ୍ ସଶକ୍ତ। ପାଣି ହେଉ, ଗଛ ହେଉ କି ମାଟି ହେଉ କେତେ ମୂଲ୍ୟବାନ ତାହା ଅନୁଭବୀ ମାତ୍ରେ ଜାଣନ୍ତି। ମଣିଷ ସମେତ ସବୁ ଜୀବଜନ୍ତୁଙ୍କ ଜୀବନ ଧାରଣ ପାଇଁ ପ୍ରକୃତିର ସୁରକ୍ଷା ଆଗ। ମାତ୍ର ଏଥିପ୍ରତି ଉଦାସୀନତା ଦୁର୍ଭାଗ୍ୟକୁ ଆମନ୍ତ୍ରଣ କରିବା ନିଶ୍ଚିତ। ପ୍ରକୃତିର ସଂପଦ ଜଙ୍ଗଲ,ତାହାର ସୁରକ୍ଷା ଆଗ।

# ଜନତାଙ୍କ ସେବା ଆଗକୁ ବଢୁ



ପଞ୍ଚାନନ ବେହେରା

ଓଡ଼ିଶାରେ ମୋହନ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସର ଆଜି। ଏକ ଆଲେଖ୍ୟରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଓଡ଼ିଶାବାସୀ ହିଁ ଓଡ଼ିଶାର ଭାଗ୍ୟ ନିର୍ଦ୍ଧାରକ ଯାହା ଉଲ୍ଲେଖ କରିଛନ୍ତି ତାହା ହେଉଛି ଓଡ଼ିଶା ରାଜ୍ୟ ଆଗକୁ ବଢିବା ପାଇଁ ରାଜ୍ୟବାସୀଙ୍କୁ ଏକ ମନ୍ତ୍ର । ମାତ୍ର ଏହା ସାକାର ହେବା ପାଇଁ ନିଶ୍ଚିତ ଭାବରେ ରାଜ୍ୟ ସରକାରଙ୍କ ସହାୟତା ଆବଶ୍ୟକ ହେବ। ମୁଖ୍ୟମନ୍ତ୍ରୀ ତାଙ୍କ ଆଲେଖ୍ୟରେ ଠାଏ ଲେଖିଥିଲେ 'ଦିଲ୍ଲୀରେ ମୋଦିଜୀଙ୍କର ହେଉ ବା ଓଡ଼ିଶାରେ ତାଙ୍କ ମାର୍ଗଦର୍ଶନରେ ଚାଲିଥିବା ସରକାର ସବୁବେଳେ ଲୋକଙ୍କ ସରକାର। ମୋଦିଜୀ ଯେତେବେଳେ ଓଡ଼ିଶାକୁ ପ୍ରବାସୀ ଭାରତୀୟ ଦିବସର ଭବ୍ୟ ଆୟୋଜନର ଦାୟିତ୍ୱ ଦେଇଛନ୍ତି ତାଙ୍କ ନେତୃତ୍ୱରେ ଯଦି ସାଢେ ଚାରି କୋଟି ଓଡ଼ିଆ ପାଦେ ପାଦେ ଆଗକୁ ଚାଲିବେ, ତାହାହେଲେ ଓଡ଼ିଶାର ସାଢ଼େ ଚାରିକୋଟି ପାଦ ଆଗକୁ ଯିବ। କହିବା ଉଦ୍ଦେଶ୍ୟ ଆମ ଓଡ଼ିଶାବାସୀ ଓଡ଼ିଶାର ଭାଗ୍ୟ ନିର୍ଦ୍ଧାରକ। ଯଦି ଏ ଜାତି ଆଗକୁ ବଢିବା ପାଇଁ ଦୃଢ ନିଶ୍ଚିତ ହୁଏ ଏହାର ପ୍ରଗତିକୁ କେହି ରୋକିପାରିବେନାହିଁ।' ପୁଣି ଲେଖିଛନ୍ତି 'ଭଗବାନ ଆମକୁ ଖଣି ଦେଇଛନ୍ତି, ଗତ କିଛିବର୍ଷରେ ମୋଦି ସରକାରଙ୍କ ଖଣି ଓ ଖଣି ଆଧାରିତ ନୀତିରେ ପରିବର୍ତ୍ତନ ଓ ରାଜ୍ୟକୁ ଏହାର ସବୁ ଫାଇଦା ଦେବା କାରଣରୁ ଓଡ଼ିଶାର ରୋଜଗାରର ଆକାରକୁ ବହୁତ ବଢାଇଛି। ସରକାରଙ୍କ ବଜେଟ ସାଇଜ ବଡ଼ ହୋଇଛି ସତ, କିନ୍ତୁ ଓଡ଼ିଶାର ଲୋକଙ୍କର ରୋଜଗାର ଯେତିକି ବଢିବା କଥା ତାହା ହୋଇପାରିଲାନାହିଁ।'

ମୁଖ୍ୟମନ୍ତ୍ରୀଙ୍କ ଏହି ଉକ୍ତି ଉଭୟ ଶାସନତନ୍ତ୍ର ଓ ଅମଲାତନ୍ତ୍ର ମଧ୍ୟରେ କିଭଳି ସମ୍ବନ୍ଧ ତାହାର ଦିଗକୁ ସୂଚିତ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଉଲ୍ଲେଖ କରାଯାଇପାରେ ଯେ ଜନତାଙ୍କ ଶାସକ ଭାବରେ ଯେଉଁମାନେ ନିଜକୁ ଦେଖିବାକୁ ଭଲପାଆନ୍ତି ସେମାନଙ୍କ ଦୃଷ୍ଟିଭଙ୍ଗୀ ଭିନ୍ନ। ଜନତାଙ୍କ ସେବକ ହେବା ଅନୁରୂପ ଭାବେ ଭିନ୍ନ ଦିଗ। ଏକଥା ଉପସ୍ଥାପନର ଉଦ୍ଦେଶ୍ୟ ଯେ ରାଜ୍ୟରେ ଅତ୍ୟନ୍ତ ଗରିବସ୍ତରରେ ଥିବା ବହୁ ଲୋକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। କେତେକ ମଧ୍ୟ ନାନା କାରଣରୁ ପ୍ରାଣ ହରାଉଛନ୍ତି। ଆନ୍ତଃରାଜ୍ୟ ପ୍ରବାସୀ ଓ ଦାଦନ ଶ୍ରମିକଙ୍କ ପାଇଁ ରାଜ୍ୟରେ ବହୁ କାର୍ଯ୍ୟକ୍ରମ ଓ ଯୋଜନା ପ୍ରଣୟନ ହୋଇଛି ସତ ତାହା କେତେଦୂର ସଫଳ ହୋଇଛି ? ଦାଦନ କହିଲେ ରାଜ୍ୟ ବାହାରକୁ ଯାଉଥିବା ସବୁ ଶ୍ରମିକଙ୍କୁ ବୁଝାଏନାହିଁ। ଦଲାଲ କିମ୍ବା ଏଜେଣ୍ଟ ଦରିଆରେ ଅଗ୍ରିମ ଟଙ୍କା ନେଇ ଅନ୍ୟ ରାଜ୍ୟକୁ ଯାଇ ଯେଉଁମାନେ କାମ କରନ୍ତି, ସେମାନେ ହେଲେ ଦାଦନ ଶ୍ରମିକ ଓ ଅବଶିଷ୍ଟଙ୍କୁ ପ୍ରବାସୀ ଶ୍ରମିକ ଭାବେ ଚିହ୍ନଟ କରାଯାଇପାରେ। ବିଶେଷକରି ପଶ୍ଚିମ ଓଡ଼ିଶାର ବହୁ ଗରିବ ଦାଦନ ଶ୍ରମିକ ସାଜି ତେଲେଙ୍ଗାନା, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଆନ୍ଧ୍ର, ଗୁଜରାଟ ଆଦି ପଳାଉଛନ୍ତି। ନିର୍ଦ୍ଦିଷ୍ଟ ଭାବରେ କେତେ ସଂଖ୍ୟକ ଦାଦନ ଖଟି ଯାଇଛନ୍ତି ତାହାର ବାସ୍ତବ ତଥ୍ୟ କାହାରି ନିକଟରେ ଥିବା ପରି ମନେହୁଏନାହିଁ। ତେବେ ଗତବର୍ଷ ଜୁଲାଇ କେନ୍ଦ୍ର ସରକାର ରଖିଥିବା ତଥ୍ୟ ମୁତାବକ ଓଡ଼ିଶାର ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ୮ଲକ୍ଷ ୫୧ ହଜାର ୩୬୩। ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯଦି ବର୍ତ୍ତମାନର କଥା ଦେଖାଯାଏ ତେବେ ନିଶ୍ଚିତ ଭାବରେ ଏ ସଂଖ୍ୟା ଅଧିକ ହେବ।

ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ ଓଡ଼ିଶାର ବିକାଶ ପାଇଁ ବେରୋଜଗାରିରେ ଥିବା ଯୁବକଯୁବତୀ ବା ଗରିବ ଲୋକଙ୍କ ଆତ୍ମନିଯୁକ୍ତି ଉପରେ ରାଜ୍ୟ ସରକାର ଯେଉଁଭଳି ଭାବରେ ଯୋଜନା କରିବା କଥା ତାହା ହୋଇଥିବା ମନେହୁଏନାହିଁ। ଯେତେ ଯାହା କୁହାଗଲେ ବି ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ଉପରେ ସର୍ବଦା ଗୁରୁତ୍ୱ ଦିଆଯାଇଥାଏ। କୌଣସି ଚାଷୀ କୃଷି ପାଇଁ ଜଳସେଚନର ଅଭାବ ନ ଭୋଗୁ। ବ୍ୟାପକ ଭାବରେ ଚେକ୍ ବନ୍ଧ ନିର୍ମାଣପୂର୍ବକ କୃଷିକୁ ଆଗକୁ ନେଉ। କୁକୁଡ଼ା, ବତକ ପାଳନ ହେଉ ଅବା ପାରମ୍ପରିକ କୌଳିକ ବୃତ୍ତି ହେଉ ଅଥବା ସଜନାଛୁଇଁଠୁ ଆରମ୍ଭ କରି ପରିବା ଚାଷ ପର୍ଯ୍ୟନ୍ତ ଆଗ୍ରହୀ ଗରିବ ଲୋକେ ଯଦି ପାଆନ୍ତେ ତେବେ ବାହାର ରାଜ୍ୟକୁ ଯିବାକୁ ମନ ବଳାନ୍ତେ ନାହିଁ। ତାହାଛଡ଼ା ସ୍ୱଦେଶୀ ସୂତାଶାଢି ଠାରୁ ଆରମ୍ଭ କରି ଅନ୍ୟାନ୍ୟ ବସ୍ତ୍ର ପର୍ଯ୍ୟନ୍ତ ରାଜ୍ୟରେ ଯଦି ଉତ୍ପାଦିତ ହୋଇପାରନ୍ତା ତେବେ ତାମିଲନାଡୁ ଅବା ଅନ୍ୟ ରାଜ୍ୟର ଉତ୍ପାଦ ଉପରେ ନିର୍ଭର କରିବାକୁ ପଡ଼ନ୍ତା ନାହିଁ। ମୋଟ ଉପରେ ସ୍ୱଦେଶୀ ତଥା ସ୍ୱତନ୍ତ୍ରତା ଥିବା ଦ୍ରବ୍ୟ ଯେତେ ଯାହା ଅଛି ସେ ଦିଗରେ ସରକାରଙ୍କ ପକ୍ଷରୁ ଉଦ୍ଦିଷ୍ଟ ଗରିବ ଲୋକଙ୍କ ନିକଟରେ ଉତ୍ପାଦନ ତଥା ବିପଣନର ସୁବିଧା ପହଞ୍ଚିବା ଲୋଡ଼ା। ଯେତେ ସ୍ୱାବଲମ୍ବୀ ହେବେ ନିଯୁକ୍ତି ସେତେ ବଢିପାରିବ। ଏ ଦିଗରେ ଲୋକଙ୍କ ପାଦ ଆଗକୁ ବଢିବା ପାଇଁ ଶାସନତନ୍ତ୍ର ଲୋକଙ୍କ ନିକଟବର୍ତ୍ତୀ ହେବା ଜରୁରୀ।

ସ୍ମରଣ କରାଯାଇପାରେ ଯେ ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ୧୨ବର୍ଷର ଶାସନ ଡୋରି ପରିପ୍ରେକ୍ଷୀରେ ଏନ୍‌ଡିଏ ନେତାମାନଙ୍କ ବୈଠକକୁ ସମ୍ବୋଧିତ କରିବାବେଳେ ପ୍ରଧାନମନ୍ତ୍ରୀ ମୋଦି ଯାହା କହିଲେ ତାହା ପ୍ରଣିଧାନଯୋଗ୍ୟ। ' ଦୀର୍ଘ ସମୟ ଧରି ଭାରତମାତାର ସେବା କରିବାର ସୌଭାଗ୍ୟ କେବଳ ଭଗବାନଙ୍କ ସ୍ୱତନ୍ତ୍ର କୃପାରୁ ହିଁ ସମ୍ଭବ। ମୋ ପାଇଁ ଦେଶର ଜନସାଧାରଣ ହେଉଛନ୍ତି ଭାଗବାନଙ୍କ ସ୍ୱରୂପ। ଏହି କାରଣରୁ ମୁଁ ସର୍ବଦା ଏହି ସେବାକୁ ଆଧାତ୍ମିକ ସାଧନା ଭାବେ ଗ୍ରହଣ କରିଛି।' ସୁତରାଂ ଜନତାଙ୍କ ପାଇଁ ଅହଂଶୂନ୍ୟ ସେବା ଓ ସେମାନଙ୍କୁ ନିକଟବର୍ତ୍ତୀ ହେବା ମୋଦିଙ୍କ ଏହି ଶକ୍ତ ସଂକେତ ନେତୃବୃନ୍ଦ ହୃଦୟଙ୍ଗମ କରିପାରିଲେ ଜନତାଙ୍କ ସେବା ଆଗକୁ ବଢିପାରିବ। - ଭୁବନେଶ୍ୱର

# ମୋହନ ବାବୁଙ୍କ ଦୁଇ ବର୍ଷର ଶାସନ



ସୌଭାଗ୍ୟ ରଂଜନ ମହାନ୍ତି

**ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଢ ହସ୍ତରେ ଦମନ କରି ତୃଣମୂଳ ସ୍ତରରେ ଜନସାଧାରଣଙ୍କ ସେବାରେ ସ୍ୱଚ୍ଛତା ଆଣିବା ହିଁ ମୋହନ ବାବୁଙ୍କ ଶାସନର ଦୀର୍ଘକାଳୀନ ସଫଳତା ଓ ରାଜନୈତିକ ସ୍ଥିରତାକୁ ନିର୍ଦ୍ଧାରଣ କରିବ।**

ଜୁନ୍ ୨୦୨୪ରେ ଓଡ଼ିଶାର ରାଜନୈତିକ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ମୋହନ ଚରଣ ମାଝୀ। ତାଙ୍କ ନେତୃତ୍ୱରେ 'ଡବଲ୍ ଇଞ୍ଜିନ' ସରକାର କ୍ଷମତାକୁ ଆସିବା କ୍ଷଣି ସର୍ବପ୍ରଥମେ ଓଡ଼ିଶାର ଭାବଗତ, ସାଂସ୍କୃତିକ ଏବଂ ଆଧାତ୍ମିକ ଭାବନାକୁ ସମ୍ମାନ ଜଣାଇ ପୁରୀ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବା ଏବଂ ବହୁ ବର୍ଷ ଧରି ରହସ୍ୟାବୃତ୍ତ ହୋଇ ରହିଥିବା ମହାପ୍ରଭୁଙ୍କ ପବିତ୍ର ରତ୍ନଭଣ୍ଡାରର ଚାବି ଖୋଲି ସେଥିରେ ଥିବା ଅଳଙ୍କାର ଗଣତି ଓ ମରାମତି ପ୍ରକ୍ରିୟା ଆରମ୍ଭ କରିବା ଥିଲା ସରକାରଙ୍କ ସବୁଠାରୁ ବଡ ଐତିହାସିକ ନିଷ୍ପତ୍ତି। ଯାହା ସମଗ୍ର ଓଡିଆ ଜାତିର ପ୍ରାଣକେନ୍ଦ୍ର ଜଗନ୍ନାଥ ସଂସ୍କୃତି ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରିଥିଲା ଏବଂ ଜନମାନସରେ ସରକାରଙ୍କ ପ୍ରତି ବିଶ୍ୱାସକୁ ଦ୍ୱିଗୁଣିତ କରିଥିଲା।

ଏହି ଦୁଇ ବର୍ଷ ମଧ୍ୟରେ ସାମାଜିକ ଓ ଆର୍ଥିକ ସଶକ୍ତିକରଣ କ୍ଷେତ୍ରରେ ମୋହନ ବାବୁଙ୍କ ସରକାରଙ୍କ ସବୁଠାରୁ ବଡ ମାଇଲଖୁଣ୍ଟ ସଦୃଶ ଯୋଜନା ହେଉଛି 'ସୁଭଦ୍ରା ଯୋଜନା'। ପ୍ରାୟ ୨୩ଲକ୍ଷରୁ ଅଧିକ ମହିଳାଙ୍କୁ 'ଲକ୍ଷପତି ଦିଦି' ଭାବେ ଗଢିତୋଳିବାରେ ଓଡିଶା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି, ଯାହା ଗ୍ରାମୀଣ ମହିଳାମାନଙ୍କର ଅର୍ଥନୈତିକ ସ୍ଥିତିକୁ ସୁଦୃଢ କରିବାରେ ବୈପ୍ଲବିକ ପରିବର୍ତ୍ତନ ଆଣିଛି। କୃଷି ଓ କୃଷକଙ୍କ ବିକାଶକୁ ସରକାର ନିଜର ପ୍ରାଥମିକତା ଭାବରେ ଗ୍ରହଣ କରି 'ସମୃଦ୍ଧ କୃଷକ ଯୋଜନା' ମାଧ୍ୟମରେ ଧାନର ସରକାରୀ ସହାୟକ ମୂଲ୍ୟ କ୍ୱିଂଟାଲ ପ୍ରତି ୩୧୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି, ଯାହା ଚାଷୀମାନଙ୍କୁ ସେମାନଙ୍କର ସ୍ୱେଦପୂତ ଶ୍ରମର ଉଚିତ ମୂଲ୍ୟ ପ୍ରଦାନ କରିବା ସହ ଦଲାଲରାଜ ଓ ମଣ୍ଡି ସମସ୍ୟାରୁ ମୁକ୍ତି ଦେବା ପାଇଁ ଏକ ଦୃଢ ପଦକ୍ଷେପ ସାବ୍ୟସ୍ତ ହୋଇଛି ଏବଂ ବର୍ତ୍ତମାନ ରାଜ୍ୟର ପ୍ରାୟ ୩୪.୫୯ ଲକ୍ଷରୁ ଅଧିକ ଚାଷୀ ପିଏମ-କିଷାନ ଯୋଜନାର ସଫଳ ସମନ୍ୱୟ ଦ୍ୱାରା ସହଜରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ସହାୟତା ରାଶି ପାଉଛନ୍ତି। ଏଥି ସହିତ କୋରାପୁଟ ଏବଂ ଗଞ୍ଜାମ ଭଳି ଜିଲ୍ଲାଗୁଡିକରେ ମାଣ୍ଡିଆ ଏବଂ ବୁଟ, ମୁଗ ଭଳି ଡାଲିଜାତୀୟ ଶସ୍ୟର ଉତ୍ପାଦନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଦିଆଯିବା ସହ ପାମ୍ ଅଏଲ ବା ଖଜୁରି ତେଲ ଚାଷର ବ୍ୟାପକ ସମ୍ପ୍ରସାରଣ କରାଯାଇଛି । ଦୀର୍ଘ ଦିନ ଧରି ବନ୍ଦ ହୋଇ ପଡିରହିଥିବା ବଡମ୍ବା ଭଳି ସମବାୟ ଚିନି କଳଗୁଡିକର ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ କରି ମୋହନ ବାବୁ କୃଷିଭିତ୍ତିକ ଶିଳ୍ପକୁ ଏକ ନୂତନ ଜୀବନଦାନ ଦେଇଛନ୍ତି। ମତ୍ସ୍ୟଚାଷୀମାନଙ୍କ ପାଇଁ ପିଏମ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ୧୨ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀଙ୍କୁ ବିଭିନ୍ନ ଅତ୍ୟାଧୁନିକ ସରଞ୍ଜାମ ଓ ସବ୍‌ସିଡି ପ୍ରଦାନ କରାଯିବା ସହ ହୀରାକୁଦ ଠାରେ ଏକ ବୃହତ୍ ସମନ୍ୱିତ ଆକ୍ୱା ପାର୍କ ଏବଂ ବାଲେଶ୍ୱର ଓ ଭୁବନେଶ୍ୱରଠାରେ ଅନ୍ତର୍ଜାତୀୟ ସ୍ତରର ମାଛ ବଜାର ପ୍ରତିଷ୍ଠା କରାଯାଇ ସାମୁଦ୍ରିକ ଓ ମଧୁର ଜଳ ମତ୍ସ୍ୟ ଉତ୍ପାଦନକୁ ରପ୍ତାନିଯୋଗ୍ୟ କରାଯାଇଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପୂର୍ବତନ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ଥାନରେ କେନ୍ଦ୍ରୀୟ ଯୋଜନାର ମିଶ୍ରଣ କରି 'ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଲାଗୁ କରାଯାଇଛି, ଯାହାଦ୍ୱାରା ରାଜ୍ୟର ୧.୩ କୋଟି ପରିବାରର ପ୍ରାୟ ୩.୪୬ କୋଟି ଲୋକ କେବଳ ଓଡିଶା ନୁହେଁ ବରଂ ସମଗ୍ର ଦେଶର ଯେକୌଣସି ପଞ୍ଜୀକୃତ ବଡ ବଡ ମେଡିକାଲରେ ବିନା ମୂଲ୍ୟରେ ଉତ୍କୃଷ୍ଟ ଚିକିତ୍ସା ସେବା ପାଇପାରୁଛନ୍ତି। ଯାଜପୁର, କନ୍ଧମାଳ ଏବଂ ତାଳଚେର ଠାରେ ତିନୋଟି ନୂତନ ସରକାରୀ ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରିଥିବା ବେଳେ ଆଗାମୀ ଦିନରେ ନବରଙ୍ଗପୁର, ଢେଙ୍କାନାଳ, ଜଗତସିଂହପୁର ଏବଂ ଭଦ୍ରକ ଠାରେ ମଧ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଛନ୍ତି ମୋହନ ସରକାର। ଶିକ୍ଷା କ୍ଷେତ୍ରର ବ୍ୟାପକ ସଂସ୍କାର ପାଇଁ ସରକାର 'ଗଙ୍ଗାଧର ମେହେର ଶିକ୍ଷା ମାନକବୃଦ୍ଧି ଯୋଜନା' ମାଧ୍ୟମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଏବଂ 'ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ କଲ୍ୟାଣ ଯୋଜନା' ଜରିଆରେ ନବମ ଓ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ, ବହି ଓ ଜୋତା ପ୍ରଦାନ କରୁଛନ୍ତି, ଏବଂ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ପୁଷ୍ଟିସାଧନ ପାଇଁ ପିଏମ ପୋଷଣ ନିୟମ ଅନୁଯାୟୀ ହାରାହାରି ଅର୍ଥର ପରିମାଣ ବୃଦ୍ଧି କରାଯାଇଛି। ଉଚ୍ଚଶିକ୍ଷା ପାଇଁ ରାଜ୍ୟର ଅନୁସୂଚିତ ଜାତି, ଜନଜାତି, ଓବିସି ଏବଂ ଆର୍ଥିକ ଅନଗ୍ରସର ବର୍ଗର ପ୍ରାୟ ୧୧ ଲକ୍ଷରୁ ଅଧିକ ମେଧାବୀ ଛାତ୍ରଛାତ୍ରୀଙ୍କୁ 'ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା' ଅଧୀନରେ ଇ-ମେଧାବୃତ୍ତି, ବ୍ୟାସକବି ଫକୀର ମୋହନ ଭାଷା ବୃତ୍ତି ଏବଂ ଗରିବ ପିଲାଙ୍କ ପାଇଁ 'ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା' ମାଧ୍ୟମରେ ବାର୍ଷିକ ଆର୍ଥିକ ବୃତ୍ତି ପ୍ରଦାନ କରାଯାଉଛି, ଯେଉଁଥିରେ ପ୍ରତିବର୍ଷ ୫୦ଜଣ ପ୍ରତିଭାବାନ ଏସ୍‌ସି-ଏସଟି ଛାତ୍ରଛାତ୍ରୀଙ୍କୁ ବିଦେଶରେ ଉଚ୍ଚଶିକ୍ଷା ଓ ଗବେଷଣା କରିବା ପାଇଁ ସମ୍ପୂର୍ଣ୍ଣ ସରକାରୀ ଖର୍ଚ୍ଚରେ 'ବିଦେଶ ଶିକ୍ଷାବୃତ୍ତି' ଦିଆଯାଉଛି। ଭିତ୍ତିଭୂମି ଓ ଯୋଗାଯୋଗ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟର ସମନ୍ୱୟ ଏତେ ସୁଦୃଢ ହୋଇଛି ଯେ ଓଡ଼ିଶା ରେଳବାଇ ଇତିହାସରେ ସର୍ବାଧିକ ୧୦,୯୨୮ କୋଟି ଟଙ୍କାର ବାର୍ଷିକ ବଜେଟ୍ ଅନୁଦାନ ପାଇବା ସହ ପ୍ରାୟ ୯୦,୦୦୦ କୋଟି ଟଙ୍କାର ବିଭିନ୍ନ ନୂତନ ରେଳ ଲାଇନ ବିଛାଇବା, ଦୋହରୀକରଣ ଏବଂ ୫୯ଟି ପ୍ରମୁଖ ଷ୍ଟେସନର ଅମୃତ ଭାରତ ଷ୍ଟେସନ ଯୋଜନାରେ ଆଧୁନିକୀକରଣ କାର୍ଯ୍ୟ ଚାଲିଛି । ଓଡ଼ିଶା ଏବେ ଶତପ୍ରତିଶତ ରେଳ ବିଦ୍ୟୁତିକରଣ ହୋଇଥିବା ରାଜ୍ୟ ଭାବେ ଗୌରବ ଅର୍ଜନ କରିଛି। ସାଗରମାଳା ଏବଂ ପିଏମ ଗତି ଶକ୍ତି ଯୋଜନା ଅଧୀନରେ ଗଞ୍ଜାମ ଜିଲ୍ଲାର ବାହୁଡାଠାରେ ୨୧,୫୦୦ କୋଟି ଟଙ୍କାର ଏକ ବିଶାଳ ସାଟେଲାଇଟ ପୋର୍ଟ ବା ଉପଗ୍ରହ ବନ୍ଦର ଏବଂ କେନ୍ଦ୍ରାପଡାର ମହାନଦୀ ମୁହାଣ ଠାରେ ୨୨,୭୦୦ କୋଟି ଟଙ୍କାର ମେଗା ଜାହାଜ ନିର୍ମାଣ କ୍ଲଷ୍ଟର ସହିତ ଜଟାଧାରୀ ଠାରେ ସ୍ୱତନ୍ତ୍ର ଜେଟି ନିର୍ମାଣ କାର୍ଯ୍ୟ ଓଡିଶାକୁ ଭାରତର ସାମୁଦ୍ରିକ ବାଣିଜ୍ୟର ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠା କରୁଛି। ଗ୍ରାମୀଣ ଉନ୍ନୟନ ପାଇଁ 'ମିଶନ ପାୱାର' ଅଧୀନରେ ବିଦ୍ୟୁତ୍, ପାନୀୟ ଜଳ ଏବଂ ସବୁଦିନିଆ ପକ୍କା ରାସ୍ତା ସଂଯୋଗକୁ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ପହଞ୍ଚାଇବା ପାଇଁ ସରକାର ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତି । ବିଶେଷ କରି ଜନଜାତି କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦ ଆରମ୍ଭ କରାଯାଇ ଆଗାମୀ ୫ବର୍ଷରେ ୮ ଲକ୍ଷ ଆଦିବାସୀ ପରିବାରର ଆୟ ବୃଦ୍ଧି ପାଇଁ କୃଷି ଓ ଅଣ-କୃଷି ଭିତ୍ତିକ ଜୀବିକା କ୍ଲଷ୍ଟର ଗଠନ କରାଯାଉଛି। ପିଏମ ଜନମନ ଯୋଜନା ମାଧ୍ୟମରେ ଓଡ଼ିଶାର ଅତି ପଛୁଆ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ ବାସ କରୁଥିବାର ୧୭୫୯ଟି ଗ୍ରାମକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗ କରାଯାଇ ୩ ଲକ୍ଷରୁ ଅଧିକ ଆଦିବାସୀଙ୍କ ଜୀବନଧାରଣର ମାନରେ ଉନ୍ନତି ଅଣାଯାଇଛି। ସହରାଞ୍ଚଳ ଓ ପର୍ଯ୍ୟଟନର ବିକାଶ ପାଇଁ ନିକଟରେ କ୍ୟାବିନେଟ୍ ବୈଠକରେ ୨୦୦୦ କୋଟି ଟଙ୍କାର ଦୁଇଟି ବଡ଼ ଯୋଜନାକୁ ମଞ୍ଜୁରି ଦିଆଯାଇଛ। ଏତେସବୁ ଯୁଗାନ୍ତକାରୀ ଓ ସକାରାତ୍ମକ ବିକାଶମୂଳକ କାର୍ଯ୍ୟ ସତ୍ତ୍ୱେ, ମୋହନ ବାବୁଙ୍କ ଦୁଇ ବର୍ଷର ଶାସନ କାଳ ମଧ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା, ବ୍ୟବସ୍ଥାଗତ ତ୍ରୁଟି ଏବଂ ଲୁପ୍-ହୋଲ୍ସ ସାମ୍ନାକୁ ଆସିଛି, ଯାହା ବିରୋଧୀ ଦଳ ପାଇଁ ସରକାରଙ୍କୁ ସମାଲୋଚନା କରିବାର ମୁଖ୍ୟ ମାଧ୍ୟମ ସାଜିଛି। ସବୁଠାରୁ ବଡ଼ ସାମାଜିକ ସମସ୍ୟା ଭାବେ ଉଭା ହୋଇଛି 'ମଧୁବାବୁ ପେନସନ ଯୋଜନା'ରେ ସଫ୍ଟୱେର ପରିବର୍ତ୍ତନ ଏବଂ ପ୍ରଯୁକ୍ତିବିଦ୍ୟାଗତ ତ୍ରୁଟି ଯୋଗୁଁ ରାଜ୍ୟର ଲକ୍ଷ ଲକ୍ଷ ବୃଦ୍ଧ, ବିଧବା ଓ ଭିନ୍ନକ୍ଷମ ମାନଙ୍କୁ ସଠିକ୍ ସମୟରେ ଭତ୍ତା, ନ ମିଳିବା।



ଦ୍ୱିତୀୟ ବଡ଼ ଆହ୍ୱାନ ହେଉଛି ରାଜ୍ୟର ବିଭିନ୍ନ ଅଞ୍ଚଳରେ, ବିଶେଷ କରି ଖୋର୍ଦ୍ଧା, କଟକ ଏବଂ ପଶ୍ଚିମ ଓଡିଶାର କେତେକ ଶିଳ୍ପାଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଅବନତି ଏବଂ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ବୃଦ୍ଧି ପାଇବା, ଯାହାକୁ ନେଇ ସ୍ୱରାଷ୍ଟ୍ର ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ପ୍ରଶାସନିକ ଦକ୍ଷତା ଉପରେ ପ୍ରଶ୍ନ ଉଠିଛି। ତୃତୀୟ ପ୍ରସଙ୍ଗ ହେଉଛି ପ୍ରଶାସନିକ ସ୍ତରରେ ବଜେଟ ଅର୍ଥର ଉପଯୁକ୍ତ ବିନିଯୋଗ ନ ହୋଇପାରିବା, ଯେଉଁଥି ପାଇଁ ଚଳିତ ବର୍ଷ ବଜେଟ୍ ଅର୍ଥର ଏକ ବଡ ଅଂଶ ଖର୍ଚ୍ଚ ନ ହୋଇ ସରକାରି ତହବିଲରେ ପଡିରହିଛି, ଯାହା ବିକାଶମୂଳକ କାର୍ଯ୍ୟର ଗତିକୁ ସାମାନ୍ୟ ମନ୍ଥର କରିଛି ଏବଂ ଏହି ସମସ୍ୟାର ସମାଧାନ ପାଇଁ ସରକାର ଆଇଆଇଟି ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାକୁ ନେଇ କ୍ଷେତ୍ର ସର୍ଭେ ଓ ତୃଣମୂଳ ସମୀକ୍ଷା କରିବାକୁ ବାଧ୍ୟ ହୋଇଛନ୍ତି। ଚତୁର୍ଥ ଆହ୍ୱାନ ହେଉଛି କର୍ପୋରେଟ୍ ଏବଂ ଶିଳ୍ପପତିମାନଙ୍କ ପ୍ରତି ସରକାରଙ୍କ ଅତିରିକ୍ତ ଅନୁଗ୍ରହ ଅଭିଯୋଗ, ଯେପରିକି ଏକ ରିସୋର୍ସେସ କମ୍ପାନୀ ଉପରେ ଲାଗିଥିବା କୋଟି କୋଟି ଟଙ୍କାର ଜଳ ବ୍ୟବହାର ଜରିମାନା ଫାଇଲ୍ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ରହସ୍ୟଜନକ ଭାବେ ନିଖୋଜ ହେବା ଏବଂ ପୂର୍ବତନ ସରକାରଙ୍କ ସମୟର ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ରିପୋର୍ଟ ମଧ୍ୟ ମିଳୁନଥିବା ନେଇ ଆଇନ ମନ୍ତ୍ରୀଙ୍କ ବୟାନ ପ୍ରଶାସନିକ ସ୍ୱଚ୍ଛତା ଓ ସୁରକ୍ଷା ବ୍ୟବସ୍ଥାରେ ଥିବା ବଡ ଗଳାବାଟକୁ ପଦାରେ ପକାଇ ଦେଇଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଢ ହସ୍ତରେ ଦମନ କରି ତୃଣମୂଳ ସ୍ତରରେ ଜନସାଧାରଣଙ୍କ ସେବାରେ ସ୍ୱଚ୍ଛତା ଆଣିବା ହିଁ ମୋହନ ବାବୁଙ୍କ ଶାସନର ଦୀର୍ଘକାଳୀନ ସଫଳତା ଓ ରାଜନୈତିକ ସ୍ଥିରତାକୁ ନିର୍ଦ୍ଧାରଣ କରିବ।

ମୋ-୯୪୩୭୯୯୪୩୭୯

# ପ୍ରକୃତିର ସୌନ୍ଦର୍ଯ୍ୟ ସହିତ ମାଟିର ସ୍ପନ୍ଦନ



ପ୍ରମୋଦ ଧଳ

**ବିଶ୍ୱାସ ହେଉ ନ ଥିଲା ଯେ ଏତେ ଅପହଞ୍ଚ ଇଲାକାରେ ବି ଚକାଚକ୍ ପିଚୁ ରାସ୍ତା ତିଆରି କରିଛନ୍ତି ଆମ ପୂର୍ବ ସରକାର ! ଗାଁ ଗାଁରେ ନଳ ପାଣିର ସୁବିଧା, ଅଙ୍ଗନବାଡି କେନ୍ଦ୍ର, ମିଶନ ଶକ୍ତି , ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁଳି ଆଲୁଅ ଏତେ ଯେ ଦୁର୍ଗମ ଅଞ୍ଚଳରେ ପହଞ୍ଚାଇ ପାରିଛନ୍ତି !**

ଜୁନ୍ ମାସ ଛଅ ତାରିଖ। ରାଜଧାନୀ ଭୁବନେଶ୍ୱର ସେଦିନ ଗରମ ଗୁଳୁଗୁଳିର ଏକ ଜଳନ୍ତା ଚୁଲି ପାଲଟିଥିଲା। ସତେ ଯେମିତି ବିନା ଅଗ୍ନିରେ ସାରା ଓଡ଼ିଶା ଜଳିପୋଡ଼ି ଦହଗଞ୍ଜ ହେଉଥିଲା, ପ୍ରକୃତି ଓଗାଳୁଥିଲା ଅସହ୍ୟ ନିଆଁର ପ୍ରତିଶୋଧ। ଏଭଳି ସ୍ଥିତିରେ ଘରର ଚାରି କାନ୍ଥ ଭିତରୁ ମୁକ୍ତି ପାଇବା ପାଇଁ ଡକ୍ଟର ସୌମେନ୍ଦ୍ର ଷଡ଼ଙ୍ଗୀ ଏବଂ ମୁଁ ଏକ ଅଭିନବ ନିଷ୍ପତ୍ତି ନେଲୁ—କୁଆଡ଼େ ଟିକେ ଦୂରକୁ ବୁଲିଯିବା ! ଆମର ଏହି 'ଜଙ୍ଗଲି ନିଶା'କୁ ଦେଖି ଆଖପାଖର ଲୋକେ ହସୁଥିଲେ। ଏହି ହୁତୁହୁତୁଆ ଖରା ମାସରେ କୌଣସି ସ୍ୱାଭାବିକ ମଣିଷ କ'ଣ ଏମିତି ପାଗଳଙ୍କ ଭଳି ବାହାରକୁ ଯାଏ ? ମାତ୍ର ସେମାନେ ଜାଣି ନ ଥିଲେ ଯେ ଜୀବନର ସମୟ ସୀମିତ, ଆଉ ଏହି ସ୍ୱଳ୍ପ ସମୟ ଭିତରେ ସାରା ବିଶ୍ୱକୁ ଆଖିରେ ସାଉଁଟି ନେବାର ଯେଉଁ ଅଦମ୍ୟ ନିଶା ଆମ ଭିତରେ ଥିଲା, ତାକୁ ରୋକିବାର ସାମର୍ଥ୍ୟ କୌଣସି ଋତୁର ନ ଥିଲା। ସେତିକିବେଳେ ମନେପଡୁଥିଲା ପାଉଲୋ କୁହେଲୋଙ୍କ ପ୍ରସିଦ୍ଧ ଉପନ୍ୟାସ 'ଦି ଆଲକେମିଷ୍ଟ'ର ସେହି ମୁଖ୍ୟ ଚରିତ୍ରର ଜିଦ୍— "I want to become a shepherd." କାହିଁକି ? "Because I want to see the world!". ବାସ, ସେହି ଜିଦ୍‌କୁ ପାଥେୟ କରି ଭୋର୍ ଠିକ୍ ଚାରିଟା ପଇଁଚାଳିଶରେ ଆମ ଗାଡ଼ିର ଚକ ଗଡ଼ିଲା। ସାଧାରଣତଃ ଯାତ୍ରା ସମୟରେ ଆମ ଦୁଇଜଣଙ୍କର ଖାଇବା ଉପରେ ସେତେଟା ନଜର ନ ଥାଏ। ହୋଟେଲ କିମ୍ବା ରେଷ୍ଟୁରାଣ୍ଟରେ ବସି ସ୍ୱାଦିଷ୍ଟ ବ୍ୟଞ୍ଜନରେ ସମୟ ନଷ୍ଟ କରିବା ଅପେକ୍ଷା ସେହି ସମୟକୁ ଯାତ୍ରାରେ ଉପଯୋଗ କରିବାକୁ ଆମେ ଶ୍ରେୟସ୍କର ମଣୁ। ଆମେ କେବଳ ବଞ୍ଚିବା ପାଇଁ ଖାଉ, ଖାଇବା ପାଇଁ ବଞ୍ଚୁନାହୁଁ। ରାସ୍ତାରେ ବ୍ରହ୍ମପୁରଠାରେ ଦୋସା ପେଟେ ଖାଇଦେଇ ଆମେ ଝଡ଼ ବେଗରେ ଆଗକୁ ମାଡ଼ି ଚାଲିଲୁ। ମଧ୍ୟାହ୍ନ ଭୋଜନର ଆନୁଷ୍ଠାନିକତାକୁ ସମ୍ପୂର୍ଣ୍ଣ ଏଡ଼ାଇବା ପାଇଁ ପଥପ୍ରାନ୍ତରେ ଯାହା ମିଳିଲା, ତାକୁ ବି ଅମୃତ ଭଳି ଗ୍ରହଣ କଲୁ। କେତେବେଳେ ଶୋଷ ମେଣ୍ଟାଇବାକୁ ମିଠା ପଇଡ଼ ପାଣି ତ, କେତେବେଳେ ଗ୍ରାମୀଣ ପରିବେଶର ସତେଜ ଜାମୁକୋଳି ଓ କେନ୍ଦୁ। ପ୍ରକୃତିର ଏହି ସହଜ ଆତିଥ୍ୟରେ ପେଟ ଓ ମନ ଦୁଇଟିଯାକ ଭରିଗଲା।

ପାହାଡ଼, ପତ୍ର ଓ ସବୁଜିମାର ସାମ୍ରାଜ୍ୟ ଦିଗପହଣ୍ଡିର ସୀମା ଅତିକ୍ରମ କରି ତପ୍ତପାଣିର ପାହାଡ଼ିଆ ପଥ ଦେଇ ଆମେ ପହଞ୍ଚିଲୁ ଚନ୍ଦ୍ରଗିରିର ଜିରାଙ୍ଗରେ ଥିବା ପ୍ରଶାନ୍ତ ତିବତୀୟ ସେଟଲମେଣ୍ଟରେ। ସେଠାରେ କିଛି ସମୟ ବୌଦ୍ଧ ମନ୍ଦିର ଶାନ୍ତିକୁ ଅନୁଭବ କରିବା ପରେ ଗାଡ଼ି ଆଗକୁ ବଢ଼ିଲା—ରାୟଗଡ଼ା, ଲକ୍ଷ୍ମୀପୁର, କୋରାପୁଟ ଦେଇ 'ପେଟା ଇକୋ କ୍ୟାମ୍ପ' ଅଭିମୁଖେ।ଉପକୂଳ ଓଡ଼ିଶାର ସେହି ପରିଚିତ ଖାଲି ପଡ଼ିଆ କିମ୍ବା କଂକ୍ରିଟର ଜଙ୍ଗଲ ଏଠାରେ ନ ଥିଲା। ଆଖି ପାଇବା ପର୍ଯ୍ୟନ୍ତ କେବଳ ଘଞ୍ଚ ଅରଣ୍ୟରେ ଆଚ୍ଛାଦିତ, ଅଙ୍କାବଙ୍କା ସର୍ପିଳ ପାହାଡ଼ିଆ ଘାଟି ରାସ୍ତା। ପ୍ରାୟ ୩୦୦ କିଲୋମିଟର ବ୍ୟାପୀ ଏହି ସବୁଜ ପାହାଡ଼ିଆ ସୌନ୍ଦର୍ଯ୍ୟ ସତରେ ଥିଲା ଅବର୍ଣ୍ଣନୀୟ ! ମନରେ ବାରମ୍ବାର ପ୍ରଶ୍ନ ଉଠୁଥିଲା— ମୁଁ ଯଦି ଜଣେ କବି କିମ୍ବା ଭାବୁକ ଲେଖକ ହୋଇଥାନ୍ତି, ତେବେ କେବେ ନ ଦେଖିଥିବା ଏହି ଅଲୌକିକ ସୌନ୍ଦର୍ଯ୍ୟକୁ କଲମର ମୁନରେ ଶବ୍ଦର ଶେଯ ସଜାଇ ଅକ୍ଷରରେ ରୂପାନ୍ତରିତ କରିଦେଇଥାନ୍ତି !

ପ୍ରକୃତିର ଆଶୀର୍ବାଦ ଓ ଗନ୍ତବ୍ୟ ସ୍ଥଳ ଲକ୍ଷ୍ମୀପୁରରୁ କୋରାପୁଟ ଯିବା ରାସ୍ତାରେ ହଠାତ୍ ପ୍ରକୃତି ଦେବୀ ପ୍ରସନ୍ନ ହେଲେ। ଦଲକାଏ ବର୍ଷା ଆମକୁ ସ୍ୱାଗତ କଲା। ଜଳୁଥିବା ପୃଥିବୀଟା ମୁହୂର୍ତ୍ତକ ମଧ୍ୟରେ ଶୀତଳ, ଶାନ୍ତ ଓ ସ୍ନିଗ୍ଧ ହୋଇଗଲା। କୋରାପୁଟରୁ ଜୟପୁର ରାସ୍ତାର ବାମ ପାର୍ଶ୍ୱରେ ଥିବା ଅପର କୋଲାବର ମନୋରମ ପଥରେ ପ୍ରାୟ ୪୦ କିଲୋମିଟର ଯିବା ପରେ, ସନ୍ଧ୍ୟା ଠିକ୍ ଛଅଟାରେ ଆମେ ଆମର ପ୍ରିୟ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଗଲୁ। ଚାରିଆଡ଼େ ସନ୍ଧ୍ୟାର ନୀରବତା ଏବଂ ପ୍ରକୃତିର ଅପୂର୍ବ ସ୍ପର୍ଶ— ଏମିତି ଲାଗୁଥିଲା ସତେ ଯେମିତି କ୍ଳାନ୍ତି ସବୁ କୁଆଡ଼େ ହଜିଯାଇଛି, ଆଉ ଆମେ ପ୍ରକୃତିର ନିଜ କୋଳରେ ଆଶ୍ରୟ ପାଇଛୁ। ପେଟାର ନୂଆଗୁଡ଼ା ଗାଁ, ପନ୍ଦର କୋଡ଼ିଏ ପରିବାର ନେଇ ଗାଁ ଟି। ଗାଁ କୁ ଲାଗି, ଠିକ୍ ଗୋଟିଏ ସବୁଜ ପାହାଡ ତଳେ ରହିଛି ୩୫ ବର୍ଷ ପୂର୍ବରୁ ଏହି ଛୋଟିଆ ଇକୋ କ୍ୟାମ୍ପ ! ଗାଁ'ର କିଛି ପିଲାମାନେ ଏଠି କାମ କରନ୍ତି, ଏଠାରେ କେବଳ ବିଦେଶୀ ପର୍ଯ୍ୟଟକମାନେ ହିଁ ଆସିଥାନ୍ତି ଶୀତ ଋତୁରେ ! ଗେଟ୍ ଭିତରେ ପଶିଲେ ଗଛ ବୃକ୍ଷ ପରିପୂର୍ଣ୍ଣ ସୁନ୍ଦର ପରିବେଶରେ କିଛି ଛୋଟ ଛୋଟ କୁଟୀର, ନିପଟ ଗାଁରେ ସହରର ସୁବିଧା ! ଶାନ୍ତ ପରିବେଶ ଭିତରେ ପ୍ରକୃତିକୁ ଉପଭୋଗ କରୁ କରୁ ରାତ୍ରି ଭୋଜନ ପରେ ଶୀଘ୍ର ଶୋଇଗଲୁ !

ସକାଳୁ ଯିବାର ଅଛି ଏଠାରୁ ୬୦କିଲୋମିଟର ଦୂରରେ ଥିବା 'ବଣ୍ଡା ହିଲ୍'। ବଣ୍ଡା ସଂପ୍ରଦାୟର ଜୀବନଶୈଳୀ ନିଜେ ଆଖିରେ ଦେଖିବାକୁ ପ୍ରବଳ ଇଚ୍ଛାଥିଲା ! କିନ୍ତୁ ପାହାଡ଼ର ଉପର ଭାଗରେ ରହୁଥିବା ଏହି ସମ୍ପ୍ରଦାୟଙ୍କ ସହିତ ମିଶିବା ଏତେ ସହଜ ନ ଥାଏ, ଅନ୍ୟ ଅଜଣା ଲୋକଙ୍କୁ ସେମାନେ ଗାଁରେ ପ୍ରବେଶ କରାଇ ଦିଅନ୍ତି ନାହିଁ ! ତେଣୁ ସେହିଠିକାର ଜଣେ ଲୋକଙ୍କୁ ସାଙ୍ଗରେ ଧରି ଯିବାକୁ ହେବ ! ମାଲକାନ୍‌ଗିରି ଜିଲ୍ଲାର 'ଖଇର ପୁଟ' ବ୍ଲକ୍‌ରେ 'ଅନ୍ଦ୍ରାହାଲ' ଗାଁରେ ପ୍ରାୟ ୫୦ ପରିବାର ରୁହନ୍ତି। ସେଇ ଗାଁର ଜଣେ ଯୁବକକୁ ସାଙ୍ଗରେ ଧରି ସକାଳୁ ବାହାରିପଡିଲୁ। ଲମତାପୁଟ, ମାଛକୁଣ୍ଡ ଏବଂ ଅନକାଡେଲି ବାଟେ ଅନ୍ଦ୍ରାହାଲରେ ପହଞ୍ଚିବା ଭିତରେ ଆମେ ସମ୍ପୂର୍ଣ୍ଣ ହଜିଯାଇଥିଲୁ ଓଡ଼ିଶାର ଏହି ପ୍ରାକୃତିକ ସୌନ୍ଦର୍ଯ୍ୟରେ। ପାହାଡ଼ ଉପରୁ ପାହାଡ ତଳକୁ, ପୁଣି ତଳୁ ଉପରକୁ ଅଙ୍କାବଙ୍କା ସର୍ପିଳ ରାସ୍ତାରେ ସବୁଜିମା ପାହାଡ ପର୍ବତର ମନୋରମ ଦୃଶ୍ୟରେ ପେଟ ପୂରିଯାଉଥିଲା ! ମୋ ଓଡ଼ିଶାରେ ଯେ ଏତେ ଭରିରହିଛି ବିଶ୍ୱାସ ହେଉ ନ ଥିଲା !

ବିଶ୍ୱାସ ହେଉ ନ ଥିଲା ଯେ ଏତେ ଅପହଞ୍ଚ ଇଲାକାରେ ବି ଚକାଚକ୍ ପିଚୁ ରାସ୍ତା ତିଆରି କରିଛନ୍ତି ଆମ ପୂର୍ବ ସରକାର ! ଗାଁ ଗାଁରେ ନଳ ପାଣିର ସୁବିଧା, ଅଙ୍ଗନବାଡ଼ି କେନ୍ଦ୍ର, ମିଶନ ଶକ୍ତି , ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁଳି ଆଲୁଅ ଏତେ ଯେ ଦୁର୍ଗମ ଅଞ୍ଚଳରେ ପହଞ୍ଚାଇ ପାରିଛନ୍ତି ! ମୁଁ ନବୀନ ପଟ୍ଟନାୟକଙ୍କର ଜଣେ ପ୍ରମୁଖ ସମାଲୋଚକ, କିନ୍ତୁ ଆଜି ଏ ଅଞ୍ଚଳର ବିକାଶ ଦେଖି ନବୀନ ବାବୁଙ୍କ ପ୍ରତି ମୁଣ୍ଡ ନଇଁଗଲା ଆପେ ଆପେ ! କୌତୂହଳବଶତଃ ମୁଁ ସେଠାକାର ଜଣେ ବ୍ୟକ୍ତିଙ୍କୁ ପଚାରିଲି, 'ନବୀନ ପଟ୍ଟନାୟକ ଆପଣମାନଙ୍କ ପାଇଁ ଏତେ ସବୁ କାମ କରିଛନ୍ତି, ତଥାପି ଆପଣମାନେ ତାଙ୍କୁ ନିର୍ବାଚନରେ ହରେଇ ଦେଲେ କାହିଁକି ?' ସେ ଟିକେ ଅଭିମାନ ଓ ରାଗ ମିଶା ସ୍ୱରରେ ଉତ୍ତର ଦେଲେ, 'ଆମେ କିଆଁ ହରେଇବୁ ? ସବୁତ ତମ ଭୁବନେଶ୍ୱର, କଟକ ଲୋକମାନେ ଫୁଲରେ (ପଦ୍ମ) ଭୋଟ ଦେଇଦେଲେ !' ତାଙ୍କର ସେହି ସରଳ ଅଥଚ ଗଭୀର ଉତ୍ତର ଶୁଣି ଆମେ କ୍ଷଣିକ ପାଇଁ ସ୍ତବ୍ଧ ଓ ଲଜ୍ଜିତ ହୋଇଗଲୁ।ଶେଷରେ ଆମେ ପହଞ୍ଚି ଯାଇଥିଲୁ ବଣ୍ଡା ହିଲର ସେହି 'ଅନ୍ଦ୍ରାହାଲ' ବଣ୍ଡା ଗାଁରେ। ଆମେ ଭାବୁଥିବା ସେହି ପୁରାତନ ବଣ୍ଡା ଗ୍ରାମ ନୁହେଁ, ସେଠାରେ ବି ମିଥ୍ୟା ଆଧୁନିକତା ସ୍ପର୍ଶ କରିସାରିଛି ! ଆଉ କୁଡ଼ିଆ ଘର ନାହିଁ, କୋଠା ଘର, ସହରୀ ପୁଅ ଝିଅ ଭଳି ଆଧୁନିକ ପୋଷାକରେ ଯୁବକ ଯୁବତୀ ହାତରେ 'ଥମ୍ବ ଅପ୍' ଧରି ବୁଲୁଥିବାର ଦେଖିଲୁ ! ଓଡ଼ିଆମାନେ ସେମାନଙ୍କର ପାରମ୍ପରିକ ପୋଷାକ ପରିବର୍ତ୍ତେ ଗୁଜୁରାଟି ପୋଷାକ ପରିଧାନ କରୁଥିବା ଭଳି, ଏଠିକାର କିଛି ବୃଦ୍ଧାମାନଙ୍କୁ ଛାଡ଼ିଦେଲେ କେହି ଆଉ ବଣ୍ଡାମାନଙ୍କ ପାରମ୍ପରିକ ପୋଷାକ ପରିଧାନ କରୁନାହାନ୍ତି ! କ୍ୟାମେରା ଦେଖିଲେ ପୋଜ ପାଇଁ 'ଡାବୁ' ମାଗୁଛନ୍ତି, ବିନା ଡାବୁରେ ଫଟୋଟିଏ ଉଠାଇବା ଅସମ୍ଭବ !

ଗାଁ ମୁଣ୍ଡରେ ଗୋଟିଏ ଡିମିରି ଗଛକୁ ସେମାନେ ପୂଜା କରନ୍ତି, ସେଇଟା ତାଙ୍କର ଭଗବାନ, ତାଙ୍କ ଭାଷାରେ କୁହନ୍ତି, 'ଆଣ୍ଡି ମାପ୍ରୁ' ! ଭଗବାନଙ୍କୁ ପ୍ରଣାମ କରି ଗାଁକୁ ପ୍ରବେଶ କଲୁ , ଶେଷରେ ଜୀବନରେ ପ୍ରଥମ ଥର ବଣ୍ଡା ସ୍ତ୍ରୀ ଲୋକଙ୍କ ଫଟୋ ତୋଳିବାରେ ଏତେ ଆନନ୍ଦ ମୁଁ କେବେ ଅନୁଭବ କରିନଥିଲି ! ବର୍ଷ ବର୍ଷ ଧରି ଭାରତର ବିଭିନ୍ନ ଘଞ୍ଚ ଜଙ୍ଗଲ ବୁଲି, ବହୁ ଅର୍ଥ ବ୍ୟୟ କରି ଜଙ୍ଗଲୀ ବାଘର ଫଟୋ ଉଠାଇବାରେ ମୁଁ ଅପାର ଆନନ୍ଦ ପାଉଥିଲି। କିନ୍ତୁ ଆଜି ନିଜ ପାରମ୍ପରିକ ପୋଷାକରେ ସେହି କିଛି ବିରଳ ବଣ୍ଡା ମହିଳାଙ୍କ ସ୍ପନ୍ଦନକୁ କ୍ୟାମେରାରେ କଏଦ କରିବା ଭିତରେ ଯେଉଁ ଆତ୍ମସନ୍ତୋଷ ମିଳିଲା, ତାହା ଆଗରୁ କେବେ ଅନୁଭବ କରିନଥିଲି। ସେମାନଙ୍କର ନୂତନ ପିଢ଼ିକୁ ଦେଖିଲେ ମନରେ ଆଶଙ୍କା ଜାଗେ। ମୋର ଏକ ବ୍ୟାକୁଳ ଇଚ୍ଛା ମୁଁ ଓଡ଼ିଶାର ସମସ୍ତ ପ୍ରମୁଖ ଜନଜାତି ଯଥା: କୋନ୍ଧ, ଗଡ଼ବା, ବଣ୍ଡା, ଲାଞ୍ଜିଆ ସୌରା, ବାଇଗା ଏବଂ ବିର୍ହୋର୍ ଆଦି ସମ୍ପ୍ରଦାୟର ସେହି ପାରମ୍ପରିକ ଓ ମୌଳିକ ରୂପକୁ ମୋ ଫଟୋଗ୍ରାଫି ମାଧ୍ୟମରେ ସାଇତି ରଖିବି। ଏହି ନିଆରା ଯାତ୍ରାରେ ରହିଛି ପ୍ରକୃତିର ସୌନ୍ଦର୍ଯ୍ୟ ସହିତ ମାଟିର ସ୍ପନ୍ଦନ ଓ ଗଭୀର ସାମାଜିକ ସମୀକ୍ଷା । ତେଣୁ ମୋର ଏହି ସାରସ୍ୱତ ସଂରକ୍ଷଣର ଯାତ୍ରା ଏବଂ ସମଗ୍ର ଓଡ଼ିଶା ଭ୍ରମଣ ହିଁ ଜୀବନର ଶେଷ ଅଭିଳାଷ !

ମୋ: ୭୦୦୮୮୧୦୧୧୨

- Vol.- 46, Issue No. 72
- Friday,12 June 2026
- ଶୁକ୍ରବାର, ୧୨ ଜୁନ ୨୦୨୬
- Bhubaneswar
- Price: Rs. 2.00, Page: 3
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com


ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI


https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ନୀତି ଆୟୋଗ ମଞ୍ଚରେ ଚମକିଲା ଓଡ଼ିଶା




★ ଉପସ୍ଥାପିତ ହେଲା ଦମ୍‌ଦାର ରିପୋର୍ଟ କାର୍ଡ
★ ଅର୍ଥନୀତିରୁ ଏଆଇ ଯାଏଁ ନାନାବିଧ ସଫଳତା
★ ୭.୯ପ୍ରତିଶତ ଅଭିବୃଦ୍ଧି ସହ ଦେଶରେ ନଂ-୧
★ ମାନବ ସମ୍ବଳ ଗଠନକୁ ସର୍ବାଧିକ ପ୍ରାଥମିକତା

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୬: ନୂଆଦିଲ୍ଲୀଠାରେ ଆୟୋଜିତ ନୀତି ଆୟୋଗର ୧୧ତମ ଗଭର୍ଣ୍ଣିଂ କାଉନସିଲ ବୈଠକରେ ଓଡ଼ିଶା ନିଜ ସାମର୍ଥ୍ୟର ଛାପ ଛାଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ବିକଶିତ ଭାରତ-୨୦୪୭' ଲକ୍ଷ୍ୟ ସହ 'ବିକଶିତ ଓଡ଼ିଶା'ର ଏକ ଦୂରଦର୍ଶୀ ରୋଡମ୍ୟାପ୍ ଉପସ୍ଥାପନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆର୍ଥିକ ଶୃଙ୍ଖଳା, ଦ୍ରୁତ ଅଭିବୃଦ୍ଧି, ଅର୍ଥନୈତିକ ବିକାଶ ଓ ମାନବ ସମ୍ପଦ ଗଠନ କ୍ଷେତ୍ରରେ ଓଡ଼ିଶାର ସଫଳତାକୁ ମୁଖ୍ୟମନ୍ତ୍ରୀ ଜାତୀୟ ମଞ୍ଚରେ ଉପସ୍ଥାପନ କରିଥିଲେ। ତ୍ୱରିତ ହେଉଛି ବିକାଶର ଗତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ପ୍ରଶଂସା କରି ଶ୍ରୀ ମାଝୀ କହିଥିଲେ ଯେ, ବିଶ୍ୱସ୍ତରୀୟ ଅନିଶ୍ଚିତତା ମଧ୍ୟରେ ଭାରତର ଉର୍ଜା ସୁରକ୍ଷାକୁ ସୁଦୃଢ଼ କରିବା ଓ ବିକଳ୍ପ ଇନ୍ଧନକୁ ପ୍ରୋତ୍ସାହନ ଦେବା ଦିଗରେ କେନ୍ଦ୍ର ସରକାରଙ୍କ ପଦକ୍ଷେପ ଦେଶକୁ ନୂଆ ଦିଗ ଦେଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶା ୭.୯ ପ୍ରତିଶତ ଆର୍ଥିକ ଅଭିବୃଦ୍ଧି ହାସଲ କରିଥିବା ବେଳେ ରାଜ୍ୟର ଋଣ ଓ ଆର୍ଥିକ ନିଅଣ୍ଟ ଏଫଆରବିଏମ୍ ମାନଦଣ୍ଡ ମଧ୍ୟରେ ରହିଛି। ଏହାର ପ୍ରତିଫଳ ସ୍ୱରୂପ ନୀତି ଆୟୋଗର ବିତ୍ତୀୟ ସ୍ୱାସ୍ଥ୍ୟ ସୂଚକାଙ୍କ ୨୦୨୬ରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। କେନ୍ଦ୍ର ବଜେଟ୍ ୨୦୨୬-୨୭ରେ ରେଳ ବିକାଶ ପାଇଁ ଓଡ଼ିଶାକୁ ୧୦,୯୨୮ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ରାଜ୍ୟରେ ୯୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସାଗରମାଳା ଓ ପିଏମ୍ ଗତିଶକ୍ତି ଯୋଜନା ମାଧ୍ୟମରେ ଓଡ଼ିଶା ପୂର୍ବ ଭାରତର ଏକ ବୃହତ୍ ଲଜିଷ୍ଟିକ୍ସ ଓ ସାମୁଦ୍ରିକ କେନ୍ଦ୍ରରେ ପରିଣତ ହେଉଛି। ପ୍ରସ୍ତାବିତ ବାହୁଦା ଡିପ୍ ସି ପୋର୍ଟ ଓ ନ୍ୟାସନାଲ୍ ୱାଟରୱେ-୫ ରାଜ୍ୟର ବାଣିଜ୍ୟ ଓ ରପ୍ତାନି କ୍ଷମତାକୁ ନୂଆ ଉଚ୍ଚତାକୁ ନେବ। ଏହାସହ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ୍ ଅଧୀନରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ ମଞ୍ଜୁରି ମିଳିବା ରାଜ୍ୟକୁ ଉନ୍ନତ ପ୍ରଯୁକ୍ତି ଓ ଇଲେକ୍ଟ୍ରୋନିକ୍ସ ଉତ୍ପାଦନର ଏକ ନୂଆ ହବ୍ ଭାବେ ଗଢ଼ି ତୋଳିବ। 'ଅନ୍ତର୍ଭୁକ୍ତି ମାନବ ବିକାଶ' ଥିମ୍‌କୁ ଗୁରୁତ୍ୱ ଦେଇ ମୋହନ ମାଝୀ କହିଥିଲେ ଯେ, ଓଡ଼ିଶା କେବଳ ରାସ୍ତା, ସେତୁ କିମ୍ବା କାରଖାନା ନିର୍ମାଣରେ ସୀମିତ ନୁହେଁ, ବରଂ ମାନବ ସମ୍ବଳ ଗଠନକୁ ସର୍ବାଧିକ ପ୍ରାଥମିକତା ଦେଉଛି। 'ଆମ କୁନି ପିଲା' କାର୍ଯ୍ୟକ୍ରମ ମାଧ୍ୟମରେ ୦ରୁ ୩ ବର୍ଷ ବୟସର ଶିଶୁଙ୍କ ବିକାଶ ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ଶିକ୍ଷା କ୍ଷେତ୍ରରେ ୪୪,୮୭୫ଟି ଶିଶୁ ବାଟିକା ଶ୍ରେଣୀକକ୍ଷ ସ୍ଥାପନ ହୋଇଥିବା ବେଳେ ୩.୧୭ ଲକ୍ଷରୁ ଅଧିକ ଶିଶୁ ଉପକୃତ ହେଉଛନ୍ତି। ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ମଡେଲ୍ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଲକ୍ଷ୍ୟ ରହିଛି।ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଅଧୀନରେ ଝିଅମାନଙ୍କୁ ସର୍ତ୍ତମୂଳକ ଆର୍ଥିକ ସହାୟତା ସହ ପରିପକ୍ୱତା ବେଳେ ୧ ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ। ଏହା ମହିଳା ସଶକ୍ତିକରଣ ଦିଗରେ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ୱାର୍ଲ୍ଡ ସ୍କିଲ୍ ସେଣ୍ଟରର ସମ୍ପ୍ରସାରଣ, ପିଏମ ସେତୁ ଯୋଜନା କାର୍ଯ୍ୟକାରୀ କରିବା ଓ ନୂଆ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ଯୋଜନା ରହିଛି।କ୍ରୀଡ଼ା କ୍ଷେତ୍ରରେ ଦେଶରେ ପ୍ରଥମ ଥର ପାଇଁ ୩୧୪ଟି ବ୍ଲକ୍ ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ କରାଯାଉଛି। ସେହିପରି ଆଗ୍ରି ଷ୍ଟାକ, ଆମ ସାଥୀ ଭଳି ଡିଜିଟାଲ୍ ପ୍ଲାଟଫର୍ମ ଓ ଏଆଇର ବ୍ୟବହାର ମାଧ୍ୟମରେ ଶାସନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ଜନମୁଖୀ କରାଯାଉଛି। "ବିକଶିତ ଭାରତର ସ୍ୱପ୍ନ ସାକାର ହେବା ସହ ଓଡ଼ିଶା ଦେଶର ଏକ ଶକ୍ତିଶାଳୀ ସ୍ତମ୍ଭ ଭାବେ ଉଭା ହେବ," ବୋଲି ନୀତି ଆୟୋଗ ମଞ୍ଚରୁ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

## ପ୍ରଧାନମନ୍ତ୍ରୀ ଶୁଣିଲେ ମୋହନଙ୍କ କଥା

## 'ବିକଶିତ ଭାରତ -୨୦୪୭' ଉପରେ ଆଲୋଚନା

ନୂଆଦିଲ୍ଲୀ, ୧୧।୬: ଦିଲ୍ଲୀରେ ଗୁରୁବାର ନୀତି ଆୟୋଗ ବୈଠକ ଅନୁଷ୍ଠିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ନୀତି ଆୟୋଗର ଗଭର୍ଣ୍ଣିଂ କାଉନସିଲ ବୈଠକରେ ଦେଶର ଅର୍ଥନୀତିର ଭବିଷ୍ୟତ ରୋଡମ୍ୟାପ୍ ଉପରେ ମାନସ ମନ୍ଥନ ହୋଇଛି। ଏଥିରେ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ, କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ସାମିଲ ହୋଇଛନ୍ତି । ବୈଠକରେ 'ବିକଶିତ ଭାରତ -୨୦୪୭' ଉପରେ ଆଲୋଚନା ହୋଇଛି । କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି, ବିକାଶମୂଳକ ନୀତିର କାର୍ଯ୍ୟକାରିତା ଏବଂ "ବିକଶିତ ଭାରତ ୨୦୪୭" ଲକ୍ଷ୍ୟ ପୂରଣ ପାଇଁ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଛି । ଓଡ଼ିଶା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉପସ୍ଥାପିତ ବିକାଶ ସମ୍ପର୍କିତ ପ୍ରସଙ୍ଗ ସଂପର୍କରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଶୁଣିଥିବା ଏକ ସୂତ୍ରରୁ ଜଣାପଡ଼ିଛି।

## ମୋହନ ସରକାରଙ୍କ ଆଜି ଦୁଇବର୍ଷ ପୂର୍ତ୍ତି

# ସଫଳତାର ଗାଥା ହେବ ଉପସ୍ଥାପିତ

ଭୁବନେଶ୍ୱର, ୧୧।୬: ଓଡ଼ିଶାରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଜୁନ ୧୨ରେ ସଫଳତାର ସହ ଦୁଇ ବର୍ଷ କାର୍ଯ୍ୟକାଳ ପୂରଣ କରିଛି। ଏହା ଏକ ଐତିହାସିକ ରାଜନୈତିକ ପରିବର୍ତ୍ତନର ସଂକେତ। ରାଜ୍ୟ ବିଜେପି ୨୪ ବର୍ଷର ବିଜେଡି ଶାସନର ଅନ୍ତ ଘଟାଇଛି। ମୋହନ ସରକାରଙ୍କ ପ୍ରମୁଖ ସଫଳତା ମଧ୍ୟରେ ଜଗନ୍ନାଥ ମନ୍ଦିରର ଚାରିଦ୍ୱାର ଖୋଲିବା, ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ଏବଂ ବ୍ୟାପକ ଶିଳ୍ପ ଏବଂ ଭିତ୍ତିଭୂମି ନିବେଶ ସୁନିଶ୍ଚିତ କରିବା ଭଳି ପ୍ରମୁଖ ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ଅନ୍ତର୍ଭୁକ୍ତ। ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର ବିକାଶ ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ପ୍ରତିଷ୍ଠା କରି ଏକ ପ୍ରମୁଖ ସାଂସ୍କୃତିକ ତଥା ଧାର୍ମିକ ପ୍ରତିଶ୍ରୁତିକୁ ତୁରନ୍ତ ପୂରଣ କରାଯାଇଛି। ମହିଳା ସଶକ୍ତିକରଣ: ମହିଳାମାନଙ୍କ ପାଇଁ ଯଥେଷ୍ଟ ଆର୍ଥିକ ସହାୟତା ଏବଂ ସାମାଜିକ ସୁରକ୍ଷା ପ୍ରଦାନ କରି ସୁଭଦ୍ରା ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି। ଉତ୍କର୍ଷ ଓଡ଼ିଶା କନକ୍ଲେଭ ଆୟୋଜନ କରି ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରାଯାଇଛି। ପାରାଦୀପରେ ବିଶେଷକରି ଧାତୁ, ଖଣି ଏବଂ ପେଟ୍ରୋକେମିକାଲ୍ କ୍ଷେତ୍ରରେ ବ୍ୟାପକ ଶିଳ୍ପ ନିବେଶକୁ ସୁନିଶ୍ଚିତ କରିଛି। ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଜନସାଧାରଣଙ୍କ ନିକଟତର କରାଇଛି। କୃଷି ଆୟ ବୃଦ୍ଧି ପାଇଁ ଧାନ କ୍ରୟ ସମୟରେ ଚାଷୀଙ୍କ ପାଇଁ ପ୍ରତି କ୍ୱିଣ୍ଟାଲ ପାଇଁ ୮୦୦ ଟଙ୍କା ଇନପୁଟ୍ ସହାୟତା ବୋନସ୍ କାର୍ଯ୍ୟକାରୀ



କରାଯାଇଛି। ଏଭଳି ନାନାବିଧ ସଫଳତା ମୋହନ ସରକାରଙ୍କୁ ଲୋକଙ୍କ ସରକାରରେ ପରିଣତ କରିଛି। ତେବେ ଏହି ସରକାରଙ୍କ ପକ୍ଷେ ଆଇନଶୃଙ୍ଖଳା ସ୍ଥିତିରେ ଅଧିକ ସୁଧାର ଆଣିବା,ବେରୋଜଗାରି ଦୂର କରିବା, ପାନୀୟ ଜଳ ଭଳି କେତେକ ବିକାଶ ମୂଳକ ପ୍ରକଳ୍ପ ସଂପୂର୍ଣ୍ଣ କରିବା ପ୍ରଭୃତି ଚାଲେଞ୍ଜ ହୋଇ ରହିଛି। ତେବେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ସଫଳତାର ଗାଥା ଆଜି ଉପସ୍ଥାପିତ ହେବ।

# ଖାର୍ଗ ଦ୍ୱୀପ ଆକ୍ରମଣ କରିବ ଆମେରିକା

ନୂଆଦିଲ୍ଲୀ, ୧୧।୬:ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର କହିଛନ୍ତି ଯେ ଆମେରିକା ଇରାନକୁ ଖୁବ୍ କଡ଼ା ଆକ୍ରମଣ କରିବ, "ଏହା ଅତି ଦୂର ଭବିଷ୍ୟତରେ ନୁହେଁ"। ପ୍ରମୁଖ ଖାର୍ଗ ଦ୍ୱୀପ ସମେତ ଇରାନର ତେଲ ଏବଂ ଗ୍ୟାସ ଶିଳ୍ପ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଏହା ଗ୍ରହଣ କରିବ। ଆମେରିକା ଏବଂ ଇରାନ ଦ୍ୱିତୀୟ ଦିନ ପାଇଁ ଆକ୍ରମଣ କରିବା ପରେ ଟ୍ରମ୍ପଙ୍କ ଏହି ପୋଷ୍ଟ ଆସିଛି, ଯାହା ମଧ୍ୟପ୍ରାଚ୍ୟକୁ ଏକ ପୂର୍ଣ୍ଣ-ସ୍ତରର ଯୁଦ୍ଧ ପୁନଃଆରମ୍ଭର ନିକଟତର କରିଦେଇଛି। ଇରାନରେ ଗୁରୁବାର ସକାଳ ପର୍ଯ୍ୟନ୍ତ ଚାଲିଥିବା ଆମେରିକୀୟ ଆକ୍ରମଣ ପୂର୍ବ ଦିନ ଅପେକ୍ଷା ଅଧିକ ତୀବ୍ର ଏବଂ ବ୍ୟାପକ ଦେଖାଯାଇଥିଲା। ଆମେରିକା ସେନା ଇରାନ ବନ୍ଦରଗୁଡ଼ିକର ଅବରୋଧ ଜାରି ରଖିଛି।ଗୁରୁବାର ଏହା କହିଛି ଯେ ଇରାନ ତେଲ ପରିବହନ କରିବାକୁ ଚେଷ୍ଟା କରୁଥିବା ଏକ ଟ୍ୟାଙ୍କରକୁ ନିଷ୍କ୍ରିୟ କରିବା ପାଇଁ କ୍ଷେପଣାସ୍ତ୍ର ମାଡ଼ କରିଛି।

# ୪ ଦିନ ପରେ ଯୁବକ ଜୀବନ୍ତ ଉଦ୍ଧାର

## ହତ୍ୟା ଉଦ୍ଦେଶ୍ୟରେ ପରିତ୍ୟକ୍ତ କୂଅକୁ ଫିଙ୍ଗିଥିଲେ!



ବିଜେପୁର, ୧୧।୬: କଥାରେ ଅଛି 'ଦଣ୍ଡେ ନିମିଷେ ଥିଲେ ପ୍ରାଣ, ନେଇ ନ ପାରେ ଜନ୍ତୁରାଣ'। ଏକ ଆକ୍ରମଣ ଘଟଣାରେ ପରିତ୍ୟକ୍ତ କୂଅକୁ ଫିଙ୍ଗି ଦିଆଯାଇଥିବା ଜଣେ ଯୁବକ ୪ ଦିନ ପରେ ଜୀବନ୍ତ ଉଦ୍ଧାର ହୋଇଛନ୍ତି। ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଅନ୍ତର୍ଗତ ସମଲାଇପଦର ନର୍ସରୀ ଅଞ୍ଚଳରେ ଘଟିଥିବା ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।ଉଦ୍ଧାର ହୋଇଥିବା ବ୍ୟକ୍ତିଙ୍କ କହିବା ଅନୁସାରେ, ରବିବାର (୭ ଜୁନ୍) ରେ ୫ ଜଣ ବ୍ୟକ୍ତି ତାଙ୍କୁ ମାଡ଼ ମାରିଥିଲେ। ସେ ଅଚେତ ହୋଇପଡ଼ିବାରୁ ତାଙ୍କୁ ମୃତ ବୋଲି ଭାବି ତାଙ୍କୁ ନିକଟସ୍ଥ କୂଅ ମଧ୍ୟରେ ଫିଙ୍ଗିଦେଇ ଚାଲିଯାଇଥିଲେ। କୂଅରେ ଅଳ୍ପ ପାଣିଥିଲା। ଏହା ଭିତରେ ସେ ଚାରି ଦିନ ଧରି ଭୋକରେ ପଡ଼ିରହିଥିଲେ। ତେବେ କୂଅରୁ ଆର୍ତ୍ତ ଚିତ୍କାର ଶୁଣି କାଠ ସଂଗ୍ରହ ଲାଗି ଯାଇଥିବା ଜଣେ ବ୍ୟକ୍ତି ସ୍ଥାନୀୟ ଲୋକଙ୍କୁ ଜଣାଇବାରୁ ଅଗ୍ନିଶମ ବାହିନୀ କର୍ମଚାରୀ ତାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।ଉଦ୍ଧାର ବ୍ୟକ୍ତିଙ୍କ ନାଁ ତୁଳସୀରାମ ବରିହା। ତାଙ୍କ ଘର ପଦ୍ମପୁର ଉପଖଣ୍ଡ ପୁରେନା ଗାଁରେ।ପୁଲିସ ଘଟଣାର ତଦନ୍ତ କରୁଛି। ସନ୍ଦେହରେ ପୁଲିସ ୨ ଜଣ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରାଯାଇ ଥିଲା ବୋଲି ପୁଲିସ ସନ୍ଦେହ କରୁଛି।

## ପ୍ରଶାନ୍ତ ମହାସାଗରରେ ସକ୍ରିୟ ହେଲା 'ଅଲ ନିନୋ'

# ସ୍ୱାଭାବିକଠାରୁ କମ୍ ହୋଇପାରେ ବର୍ଷା

ଭୁବନେଶ୍ୱର, ୧୧।୬: ପ୍ରଶାନ୍ତ ମହାସାଗରରେ 'ଅଲ ନିନୋ' ସକ୍ରିୟ ହୋଇଯାଇଛି। ବିଶ୍ୱ ପାଣିପାଗ ସଂଗଠନ ଏବଂ ପାଣିପାଗ ଏଜେନ୍ସିଗୁଡ଼ିକ ଅନୁଯାୟୀ, ଏହାର ପ୍ରଭାବରେ ସାରା ବିଶ୍ୱରେ ତାପମାତ୍ରା ବୃଦ୍ଧି ଏବଂ ପାଣିପାଗ ଚକ୍ରରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିବ। ଏହା ବିଷୁବରେଖୀୟ ପ୍ରଶାନ୍ତ ମହାସାଗରର ପାଣି ଅସ୍ୱାଭାବିକ ଭାବେ




ଗରମ ହେବା ସହ ଜଡ଼ିତ ଏକ ପ୍ରାକୃତିକ ଜଳବାୟୁଗତ ଘଟଣା ଅଟେ। ଅଲ ନିନୋର ସକ୍ରିୟତା କାରଣରୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ବର୍ଷା, ତାପମାତ୍ରା ଏବଂ ପବନର ଶୈଳୀ ପ୍ରଭାବିତ ହୋଇଥାଏ। ଅଲ ନିନୋ ଭାରତୀୟ ମୌସୁମୀକୁ ଦୁର୍ବଳ କରିପାରେ, ଯାହାଦ୍ୱାରା ଭାରତ ଏବଂ ଏହାର ଆଖପାଖ ଅଞ୍ଚଳରେ ସାଧାରଣଠାରୁ କମ୍ ବର୍ଷା ଏବଂ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାର ପ୍ରଭାବରେ ସାରା ବିଶ୍ୱରେ ପ୍ରଚଣ୍ଡ ଗରମ ଏବଂ ଗ୍ରୀଷ୍ମ ପ୍ରବାହର ପ୍ରକୋପ ବଢ଼ିବା ଆଶଙ୍କା ରହିଛି। ଧାନ, ଗହମ, କପା ଏବଂ କଫି ଭଳି ମୁଖ୍ୟ ଫସଲର ଅମଳ ପ୍ରଭାବିତ ହୋଇପାରେ, ଯାହାଦ୍ୱାରା ଖାଦ୍ୟ ପଦାର୍ଥ ଏବଂ ଇନ୍ଧନର ମୂଲ୍ୟ ବୃଦ୍ଧି ହୋଇ ମହଙ୍ଗା ମାଡ଼ର ଚାପ ବଢ଼ିପାରେ।

# ଗୃହିଣୀମାନେ ହିଁ ରାଷ୍ଟ୍ର ନିର୍ମାତା: ସୁପ୍ରିମକୋର୍ଟ

## ଅତି କମ୍‌ରେ ୩୦ ହଜାର ଟଙ୍କାର ଘରକାମ କରିଥାନ୍ତି

ନୂଆଦିଲ୍ଲୀ, ୧୧।୬: ଗୁରୁବାର ଏକ ମାମଲାର ସୁପ୍ରିମକୋର୍ଟ ଶୁଣାଣି କରି ଗୃହିଣୀ ସଂପର୍କରେ ଐତିହାସିକ ରାୟ ଦେଇଛନ୍ତି। ଗଠିତ ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି ଯେ ପରିବାର ପ୍ରତି ପତ୍ନୀଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ, ସେମାନଙ୍କୁ ଗୃହିଣୀ ପରିବର୍ତ୍ତେ ରାଷ୍ଟ୍ର ନିର୍ମାତା ଭାବରେ ଉଲ୍ଲେଖ କରାଯିବା ଉଚିତ। ପାରିବାରିକ ଆୟର କ୍ଷତି ସମ୍ପର୍କରେ କୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସୁପ୍ରିମକୋର୍ଟଙ୍କର ଏକ ଖଣ୍ଡପୀଠ କହିଛନ୍ତି ଯେ, ମୋଟର ଦୁର୍ଘଟଣା ଦାବିରେ କ୍ଷତିପୂରଣ ପ୍ରଦାନ ପାଇଁ ଘରର ଦେଖାଶୁଣାର କ୍ଷତିକୁ ଏକ ଅତିରିକ୍ତ ଆଧାର ଭାବରେ ବିବେଚନା କରାଯିବ। ଏହି ରାୟ ଗୃହିଣୀଙ୍କ ମୃତ୍ୟୁ ପାଇଁ କ୍ଷତିପୂରଣ ମାମଲାରେ ପ୍ରଦାନ କରାଯାଇଛି। କୋର୍ଟ କହିଛନ୍ତି, ଘରେ କାମ କରୁଥିବା ମହିଳାମାନେ ଅଫିସ ଯାଇ ଘର ଚଳାଇବା ପାଇଁ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କ ତୁଳନାରେ କୌଣସି ଗୁଣରେ କମ୍ ନୁହନ୍ତି। ବିଚାରପତି ସଞ୍ଜୟ କାରୋଲ ଏବଂ ଏନ. କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଜଣେ ଗୃହିଣୀଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆର୍ଥିକ ଭାବରେ ସେମାନଙ୍କ ଅବଦାନକୁ ଆକଳନ କରିବା କଷ୍ଟକର। ଜଣେ ଗୃହିଣୀ ମାସକୁ ଅତି କମ୍‌ରେ ୩୦ ହଜାର ଟଙ୍କାର ଘରକାମ କରିଥାନ୍ତି।କୋର୍ଟ କହିଛନ୍ତି, ସଡ଼କ ଦୁର୍ଘଟଣା ମାମଲାରେ ଗୃହିଣୀଙ୍କର ଆନୁମାନିକ ଆୟ ତାଙ୍କ କାମ, ଶ୍ରମ ଏବଂ ତ୍ୟାଗ ଉପରେ ଆଧାର କରି ମୂଲ୍ୟାଙ୍କନ କରାଯିବା ଉଚିତ। ଖଣ୍ଡପୀଠ ତାଙ୍କ ଆଦେଶରେ କହିଛନ୍ତି, ଜଣେ ଗୃହିଣୀଙ୍କ ଭୂମିକା ସ୍ଥିର ଆୟ ଥିବା ପରିବାରର ଅନ୍ୟ ସଦସ୍ୟଙ୍କ ପରି ଗୁରୁତ୍ୱପୂର୍ଣ୍ଣ।

## ॥ ଆମେରିକାର ସାମରିକ ଆକ୍ରମଣ ॥

# ୩ ଭାରତୀୟ ନାବିକଙ୍କ ମୃତ୍ୟୁ

ନୂଆଦିଲ୍ଲୀ ୧୧।୬: ଓମାନ ଉପକୂଳରେ ବାଣିଜ୍ୟିକ ଜାହାଜ ଉପରେ ଆମେରିକା ସାମରିକ ଆକ୍ରମଣ ପରେ ନିଖୋଜ ହୋଇଥିବା ପାଲାଉ-ପତାକାଯୁକ୍ତ ଏମଟି- ସେଙ୍ଚେବେଲୋରେ ଥିବା ୩ ଭାରତୀୟ ନାବିକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଗୁରୁବାର ମୃତଦେହ ଠାବ ଏବଂ ଚିହ୍ନଟ ହେବା ପରେ ଏହା କହିଛନ୍ତି । ସେ କହିଛନ୍ତି ଯେ, ମୃତ ନାବିକଙ୍କ ମୃତଦେହକୁ ଶେଷକୃତ୍ୟ ପାଇଁ ସ୍ୱଦେଶକୁ ଆଣିବା ଲାଗି ପଦକ୍ଷେପ ନିଆଯାଉଛି । 'ପାଲାଉ-ପତାକାଯୁକ୍ତ ଏମଟି-ସେଙ୍ଚେବେଲୋରେ ଏହି ଦୁଃଖଦ ଘଟଣା ବିଷୟରେ ଜାଣିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଦୁଃଖର ବିଷୟ ଯେ, ପ୍ରଥମେ ନିଖୋଜ ହୋଇଥିବା ତିନି ଜଣ ଭାରତୀୟ ନାବିକଙ୍କ ମୃତଦେହ ଠାବ ଏବଂ ଚିହ୍ନଟ ହେବା ପରେ ଏବେ ମୃତ ବୋଲି ଜଣାପଡ଼ିଛି,' ବୋଲି ସୋନୋୱାଲ ଏକ୍ସ-ରେ ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ତୈଳ ଜାହାଜ ଉପରେ ଆକ୍ରମଣ ପରେ ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଜାହାଜରୁ ୨୧ ଜଣ



ଭାରତୀୟ ନାବିକଙ୍କୁ ଉଦ୍ଧାର କରାଯାଇଥିଲା ଏବଂ ତିନି ଜଣ ନାବିକ - ଡେକ୍ କ୍ୟାଡେଟ୍ ଆଦିତ୍ୟ ଶର୍ମା, ଇଞ୍ଜିନ୍ ଫିଟର ଶିବାନନ୍ଦ ଚୌରାସିଆ ଏବଂ ମୁଖ୍ୟ ଇଞ୍ଜିନିୟର ପରିମଳା ସୁରେଶ - ନିଖୋଜ ଥିବା ରିପୋର୍ଟ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ପାଲାଉ ପତାକାଧାରୀ ଏମଟି- ସେଙ୍ଚେବେଲୋରେ ଘଟିଥିବା ଏହି ଦୁଃଖଦ ଘଟଣାକୁ 'ଗମ୍ଭୀର ଦୁର୍ଭାଗ୍ୟଜନକ' ବୋଲି ବର୍ଣ୍ଣନା କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ବିଦେଶ ବ୍ୟାପାର ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୈସ୍ୱାଲ ଅଞ୍ଚଳରେ ବାଣିଜ୍ୟିକ ଜାହାଜ ଉପରେ ଲଗାତାର ଆକ୍ରମଣକୁ ଚିନ୍ତାଜନକ କହିଛନ୍ତି। ଓମାନରେ ଏକ ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ଆମେ ନିନ୍ଦା କରୁଛୁ।

# ୧୬ରୁ ବଦଳିବ ପାଗ

## ଓଡ଼ିଶାମୁହାଁ ହେବ ମୌସୁମୀ

ଭୁବନେଶ୍ୱର, ୧୧।୬ : ଜୁନ୍ ୧୬ରୁ ବଦଳିବ ପାଗ । ଓଡ଼ିଶାମୁହାଁ ହେବ ମୌସୁମୀ। ଆଉ ୩ ଦିନ ପରେ ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ ।ଅନ୍ୟପକ୍ଷରେ ୧୬ରୁ ୧୮ ଜୁନ୍ ଯାଏ କୌଣସି ସତର୍କ ସୂଚନା ନାହିଁ ।ଏହାରି ଭିତରେ କାଳବୈଶାଖୀ ଯିବ, ମୌସୁମୀ ଆସିବ। ଓଡ଼ିଶା ପାଇଁ ସବୁଜ ସଂକେତ ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି ।ବର୍ତ୍ତମାନ ମୌସୁମୀ କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ପାର୍ ହୋଇ ପଶ୍ଚିମବଙ୍ଗ ଓ ବିହାରର କିଛି ଅଂଶ ଛୁଇଁଛି। ଆଗାମୀ ୨ରୁ ୩ ଦିନରେ ମୌସୁମୀ ଆଗକୁ ବଢି ଓଡିଶା, ଛତିଶଗଡ, ଝାଡଖଣ୍ଡ ଓ ଉତ୍ତର ପ୍ରଦେଶର କିଛି ଅଂଶକୁ ଛୁଇଁବା ପାଇଁ ପରିସ୍ଥିତି ଅନୁକୂଳ ଅଛି। ମୌସୁମୀର ଉତ୍ତର ସୀମା ଏବେ କଳିଙ୍ଗପାଟନମ୍, ରାୟଗଡା ପର୍ଯ୍ୟନ୍ତ ଆସିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ୧୬ ଜୁନ୍ ରୁ ୧୮ ଜୁନ୍ ସକାଳ ଯାଏଁ ସାରା ଓଡିଶାରେ କୌଣସି ୱାର୍ଣ୍ଣିଂ ଦିଆଯାଇ ନାହିଁ। ଏହି ୩ ଦିନ କାଳବୈଶାଖୀ ଦୁର୍ବଳ ରହିବ। ଏହା ହିଁ ମୌସୁମୀ ପ୍ରବେଶର ସବୁଠୁ ବଡ଼ ସଙ୍କେତ।

# ନିଟ୍ ୟୁଜି ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ବସ୍‌ଯାତ୍ରା

ଭୁବନେଶ୍ୱର, ୧୧।୬: ରାଜ୍ୟ ସରକାର ଜୁନ୍ ୨୧, ରବିବାରରେ ହେବାକୁ ଥିବା ନିଟ୍ ୟୁଜି ପୁନଃପରୀକ୍ଷା ୨୦୨୬ରେ ଯୋଗଦେବା ପାଇଁ ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ବସ୍ ଯାତ୍ରା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଗ୍ରୀଷ୍ମ ପ୍ରବାହର ବିପଦ ହ୍ରାସ କରିବା, ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଛାତ୍ରଛାତ୍ରୀମାନଙ୍କୁ ସହାୟତା କରିବା ଏବଂ ପ୍ରଚଣ୍ଡ ଗ୍ରୀଷ୍ମ ମାସରେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଉଚିତ ପ୍ରବେଶ ସୁନିଶ୍ଚିତ କରିବା। ସରକାର, ବାଣିଜ୍ୟ ଏବଂ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ, ଦେବଦତ୍ତ ସୁରଞ୍ଜିତା ଜେନା, ଓଏସଆରଟିସି, ଭୁବନେଶ୍ୱରର ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ ଏବଂ କଟକର ପରିବହନ କମିଶନରଙ୍କୁ ଜାତୀୟ ପରୀକ୍ଷା ସଂସ୍ଥା ଦ୍ୱାରା ପରିଚାଳିତ ନିଟ୍ ୟୁଜି ପୁନଃପରୀକ୍ଷା-୨୦୨୬ରେ ଯୋଗଦେବା ପାଇଁ ଆଶାୟୀଙ୍କ ପାଇଁ ମାଗଣା ବସ୍ ଯାତ୍ରା ବ୍ୟବସ୍ଥା ସମ୍ପର୍କରେ ଚିଠି ଲେଖିଛନ୍ତି। ଆଶାୟୀମାନେ ସେମାନଙ୍କର ବୈଧ ନିଟ୍ ଆଡମିଟ୍ କାର୍ଡ ଦେଖାଇ ସରକାରୀ ବସ୍‌ରେ ମାଗଣା ଯାତ୍ରା କରିପାରିବେ। ଏହି ସୁବିଧା ରାଜ୍ୟ ସାରା ସମସ୍ତ ୧୩୪ ପରୀକ୍ଷା କେନ୍ଦ୍ରକୁ ଯାତ୍ରାକୁ ସାମିଲ କରିଛି।

15001/63/2627



# ବିକାଶର ଧାରା, ଓଡ଼ିଶା ସାରା



## ସୁଭଦ୍ରା ଯୋଜନା

**୧ କୋଟି**ରୁ ଅଧିକ ମହିଳା ଆର୍ଥିକ ସଶକ୍ତ

## ଲକ୍ଷପତି ଦିଦି

**୨୩.୪୬ ଲକ୍ଷ** ମହିଳାଙ୍କ ନୂତନ ପରିଚୟ

## ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା

କିଶୋରୀ, ମା' ଓ ଶିଶୁଙ୍କ ପୋଷଣ ସଶକ୍ତିକରଣର ନୂଆ ଅଧ୍ୟାୟ

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

ଆର୍ଥିକ ଦୁର୍ବଳ ପରିବାର ପାଇଁ ବରଦାନ

୧,୩୦୦ରୁ ଉର୍ଦ୍ଧ୍ୱ ଦମ୍ପତିଙ୍କ ବିବାହ ସମ୍ପନ୍ନ



## ଆୟୁଷ୍ମାନ ଭାରତ - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା

**୩.୪୬ କୋଟି** ଲୋକ ଉପକୃତ



## ସାମାଜିକ ସୁରକ୍ଷା ପେନ୍‌ସନ ଯୋଜନା

**୫୭ଲକ୍ଷ**ରୁ ଅଧିକ ହିତାଧିକାରୀଙ୍କୁ ସହାୟତା

ବୃତ୍ତିଗତ ଶିକ୍ଷାରେ ଅନୁସୂଚିତ ଜନଜାତିଙ୍କ ପାଇଁ **୨୨.୫%**, ଅନୁସୂଚିତ ଜାତିଙ୍କ ପାଇଁ **୧୬.୨୫%** SEBC ପାଇଁ **୧୧.୨୫%** ସଂରକ୍ଷଣ

**୪୪,୮୭୫** ଶିଶୁ ବାଟିକା ମାଧ୍ୟମରେ **୩.୨ ଲକ୍ଷ** ଶିଶୁ ଉପକୃତ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

**୧୨ ହଜାର କୋଟି**ରେ **୨,୨୦୦** ବିଦ୍ୟାଳୟର ସୁଦୃଢ଼ୀକରଣ ପରିକଳ୍ପନା



## ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା

୨ ବର୍ଷରେ **୩.୨୨ ଲକ୍ଷ** ଜନଜାତି ଛାତ୍ରଛାତ୍ରୀ ଉପକୃତ



**₹୩.୬ ଲକ୍ଷ କୋଟି** ପୁଞ୍ଜିନିବେଶରେ ୩୪ ପ୍ରକଳ୍ପ ଯୋଗେ **୨,୫୨,୦୦୦** ନିଯୁକ୍ତି ସୃଷ୍ଟି



**₹୬ ହଜାର କୋଟି** ବ୍ୟୟରେ ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ

୩୯,୬୬୦ ଗ୍ରାମୀଣ ପରିବାରକୁ ବିଦ୍ୟୁତ ସଂଯୋଗ

**₹୧୭ ହଜାର କୋଟି**ରେ ୯,୦୦୦ କି.ମି. ରାସ୍ତା ଓ ୫୭ଟି ସେତୁ ନିର୍ମିତ

MMSY

**୧୧,୫୯୬** କିଲୋମିଟର ସବୁଦିନିଆ ଗ୍ରାମ୍ୟ ରାସ୍ତା ଏବଂ ସେତୁ ବନ୍ଧନ ଯୋଜନାରେ **୫୬୬**ଟି ସେତୁ ନିର୍ମିତ



## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତ୍ୟୋଦୟ ଗୃହ ଯୋଜନା

ପ୍ରାୟ **୫ ଲକ୍ଷ** ପରିବାରଙ୍କୁ ମିଳିଛି ପକ୍କାଘର

## ଖାଦ୍ୟ ସୁରକ୍ଷା ଯୋଜନା

**୩ କୋଟି**ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସହାୟତା

**₹ ୪,୮୭୦ କୋଟି**ରେ ସମୃଦ୍ଧ ସହର ଯୋଜନା ଆରମ୍ଭ



## ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା

**୪ ଲକ୍ଷ**ରୁ ଅଧିକ ଗୋପାଳକଙ୍କୁ **₹୩୨୬ କୋଟି**ର ଆର୍ଥିକ ସହାୟତା ପ୍ରଦାନ



## ସମୃଦ୍ଧ କୃଷକ ଯୋଜନା

**୧୯ ଲକ୍ଷ** ଚାଷୀଙ୍କୁ **₹୧୩ ହଜାର କୋଟି**ର ଇନ୍‌ପୁଟ୍ ସହାୟତା ପ୍ରଦାନ

ସିଏମ କିଷାନ ଯୋଜନା ୩ ହଜାର କୋଟିରେ **୫୧ ଲକ୍ଷ** ଚାଷୀ ଉପକୃତ



## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ

**୩ କୋଟି**ରୁ ଅଧିକ ଲୋକ ହେବେ ଉପକୃତ

**୨.୭୮ ଲକ୍ଷ** ହେକ୍ଟର ଜମିକୁ ନିଶ୍ଚିତ ଜଳସେଚନ ସୁବିଧା

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/15001/2/26-27/0063

## କେରଳରେ ନିପା ଭାଇରସର ପ୍ରଥମ ମାମଲା ଭେଣ୍ଟିଲେଟରରେ ସଂକ୍ରମିତ ରୋଗୀ

ନୂଆଦିଲ୍ଲୀ,୧୧।୬: ଚଳିତ ବର୍ଷ କେରଳମରେ ନିପା ଭାଇରସର ପ୍ରଥମ ମାମଲା ଦେଖିବାକୁ ମିଳିଛି। ଗୁରୁବାର ଏହି ସୂଚନା ପ୍ରକାଶ ପାଇଛି। ରୋଗୀ ଜଣକ ୪୩ ବର୍ଷ ବୟସ୍କ ଓ କୋଜିକୋଡର ବାସିନ୍ଦା। ରିପୋର୍ଟ ପଜିଟିଭ୍ ଆସିବା ପରେ ରାଜ୍ୟ ସରକାର ସମଗ୍ର ରାଜ୍ୟରେ ହାଇଆଲର୍ଟ ଜାରି କରିଛନ୍ତି। ସାମାନ୍ୟ ଜ୍ୱର ହେବା ପରେ ରୋଗୀଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କୋଝିକୋଡ ମେଡିକାଲ କଲେଜକୁ ପଠାଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ସେ ଭେଣ୍ଟିଲେଟରରେ ଅଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ କେ ମୁରଲୀଧରନ୍ କହିଛନ୍ତି, ରୋଗୀ ଜଣକ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ। ଡାକ୍ତରଖାନା କର୍ମଚାରୀ ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ସମ୍ଭାବ୍ୟ ଲୋକଙ୍କୁ ସଙ୍ଗରୋଧରେ ରହିବାକୁ କୁହାଯାଇଛି। ବର୍ତ୍ତମାନ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ୨୦୧୮ ପରଠାରୁ ଷଷ୍ଠ ଥର ପାଇଁ କେରଳମରେ ସଂକ୍ରମଣ ହୋଇଛି। ଶେଷ ଥର ପାଇଁ ଦୁଇ ବର୍ଷ ପୂର୍ବେ, ୨୦୨୪ରେ ଦୁଇଟି ମାମଲା ମିଳିଥିଲା। ଜଣେ ରୋଗୀ ପ୍ରାଣ ହରାଇଥିଲା। ଅଧିକାରୀଙ୍କ କହିବାନୁସାରେ, ରୋଗୀ ନିକଟରେ ଏକ ଗୋଦାମ ଭଡ଼ାରେ ନେଇ ନିଜେ ସଫା କରିଥିଲେ। ଏହି ସମୟରେ ସେ ସଂକ୍ରମଣରେ ଆକ୍ରାନ୍ତ ହୋଇଥିବା ଆଶଙ୍କା କରାଯାଉଛି। ନିପା ଭୂତାଣୁ ମୁଖ୍ୟତଃ ଫଳଖିଆ ବାଦୁଡ଼ି ଦ୍ୱାରା ବ୍ୟାପିଥାଏ। ୧୯୯୮ ମସିହାରେ ମାଲେସିଆରେ ନିପାର ପ୍ରଥମ ମାମଲା ସାମ୍ନାକୁ ଆସିଥିଲା ୧୯୯୮-୯୯ ମସିହାରେ ମାଲେସିଆର ସୁଙ୍ଗାଇ ନିପା ଗ୍ରାମରେ ପ୍ରଥମେ ଏହି ଭାଇରସ୍ ଚିହ୍ନଟ ହୋଇଥିଲା। ଏହି ଗାଁ ନାମରେ ଏହାର ନାମ ନିପା ଭାଇରସ୍ ରଖାଗଲା। ଏହି ଭୂତାଣୁ ବାଦୁଡ଼ିଙ୍କଠାରୁ ଘୁଷୁରିକୁ ବ୍ୟାପିଥିଲା। ଘୁଷୁରି ଫାର୍ମରେ କାମ କରୁଥିବା ଲୋକମାନେ ସଂକ୍ରମିତ ହୋଇଥିଲେ। ମାଲେସିଆରେ ପ୍ରାୟ ୨୬୫ ଜଣ ସଂକ୍ରମିତ ହୋଇଥିଲେ। ୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କୁ ୧୦ ଲକ୍ଷରୁ ଅଧିକ ଘୁଷୁରି ମାରିବାକୁ ପଡିଲା। ଏହା ମାଲେସିଆର ଘୁଷୁରି ଶିଳ୍ପକୁ ବିପୁଳ ଆର୍ଥିକ କ୍ଷତି ଘଟାଇଲା। ମାଲେସିଆ ପରେ ଏହି ଭୂତାଣୁ ବାଂଲାଦେଶ, ଭାରତ, ସିଙ୍ଗାପୁର ଓ ଫିଲିପାଇନ୍ସକୁ ବ୍ୟାପିଥିଲା। କାମ୍ବୋଡିଆ ଓ ଥାଇଲ୍ୟାଣ୍ଡରେ ମଧ୍ୟ ଏହି ଭାଇରସର କିଛି ମାମଲା ଦେଖିବାକୁ ମିଳିଥିଲା।

## ଟ୍ରିପଲ ତଲାକ୍ ଏବଂ ଏସିଡ୍ ପୀଡ଼ିତାଙ୍କୁ ମିଳିବ ସରକାରୀ ବାସଭବନ



ଉତ୍ତରପ୍ରଦେଶ,୧୧।୬: ଟ୍ରିପିଲ ତଲାକ ପୀଡିତା ହେଉ ଅବା ଏସିଡ ପୀଡିତାଙ୍କୁ ମିଳିବ ସରକାରୀ ବାସଭବନ। ଯୋଗୀ ଆଦିତ୍ୟନାଥଙ୍କ ସରକାର ନିଷ୍ପତ୍ତି ନେଇଛି କି, ମହିଳାଙ୍କୁ ସଶକ୍ତିକରଣ ପାଇଁ ସରକାରୀ ଯୋଜନାରେ ବିଶେଷ ଲାଭ ଦିଆଯିବା ଉଚିତ। ଯୋଗୀ ସରକାର ପୀଡ଼ିତା ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୁଖ୍ୟମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଲାଭାନ୍ୱିତ କରାଯିବ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶରେ ମହିଳା କଲ୍ୟାଣ ବିଭାଗ ବିଭାଗୀୟ ସ୍ତରରେ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହାସହିତ ମହିଳା କଲ୍ୟାଣ ବିଭାଗରେ ତିନ୍ ତଲାକ ଏବଂ ଏସିଡ ଆଟାକ ପୀଡିତା ମହିଳାଙ୍କ ସହିତ ନିରାଶ୍ରିତ ମହିଳାଙ୍କ ବିସ୍ତୃତ ଡାଟା ଏକାଠି କରାଯାଉଛି । ଏହାଦ୍ୱାରା ଯୋଗ୍ୟ ମହିଳାଙ୍କୁ ଯୋଜନାର ଲାଭ ପ୍ରାଥମିକତା ଆଧାରରେ ଉପଲବ୍ଧ କରାଯିବ। ମହିଳା କଲ୍ୟାଣ ବିଭାଗ ଦ୍ୱାରା ପୀଡିତ ମହିଳାଙ୍କ ବିବରଣୀ ଏକାଠି କରାଯିବ। ପୀଡ଼ିତା ମହିଳାଙ୍କ ବିବରଣୀ ଆଧାରରେ ଲାଭାର୍ଥୀଙ୍କୁ ବିଭିନ୍ନ ଯୋଜନା ସହିତ ଯୋଡାଯିବ। ଯୋଗୀ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ମହିଳାଙ୍କୁ କେବଳ ସୂଚନାର ଅଭାବ କିମ୍ବା ପ୍ରକ୍ରିୟାଗତ ଜଟିଳତା କାରଣରୁ ସରକାରୀ ଯୋଜନାରୁ ବଞ୍ଚିତ କରାଯାଇପାରିବ ନାହିଁ । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା କି, ଯେଉଁ ମହିଳାମାନେ ତିନ ତଲାକ କିମ୍ବା ଏସିଡ ଆଟାକ ଭଳି ପରିସ୍ଥିତିକୁ ସାମ୍ନା କରୁଛନ୍ତି କିମ୍ବା ଯାହା ପାଖରେ ସ୍ଥାନୀୟ ଆବାସ ନାହିଁ, ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ଆବାସ ଯୋଜନା ଅଧିନରେ ପକ୍କା ଘର ଉପଲବ୍ଧ କରାଯିବ। ମୁଖ୍ୟମନ୍ତ୍ରୀ ଯୋଗୀ ଏହି ମହିଳା ଏବଂ ତାଙ୍କ ପରିବାରକୁ ଆୟୁଷ୍ମାନ ଭାରତ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସହିତ ଯୋଡି ହୋଇ ସ୍ୱାସ୍ଥ୍ୟ ସେବାର ଲାଭ ଦିଆଯିବ । ତିନ୍ ତଲାକରେ ପ୍ରଭାବିତ ହୋଇଥିବା ମହିଳାଙ୍କ ଆର୍ଥିକ ଏବଂ ସାମାଜିକ ଅସୁରକ୍ଷା ସାମ୍ନା କରନ୍ତି । ସେମାନଙ୍କୁ ଯୋଗୀ ସରକାର ସେମାନଙ୍କ ଜୀବନରେ ଅଧିକ ସୁରକ୍ଷିତ ଏବଂ ସମ୍ମାନଜନକ କରିବା ପାଇଁ କାର୍ଯ୍ୟ କରୁଛନ୍ତି ।

## ଦକ୍ଷିଣ ଲେବାନନରେ ଇସ୍ରାଏଲ ଆକ୍ରମଣରେ ୧୨ ଜଣଙ୍କ ମୃତ୍ୟୁ

ତେଲ ଅଭିଭ,୧୧।୬: ଦକ୍ଷିଣ ଲେବାନନରେ ଆଜି ଇସ୍ରାଏଲୀ ସେନାର ବିମାନ ଆକ୍ରମଣରେ ୧୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଆହୁରି ଅନେକ ଲୋକ ଆହତ ହୋଇଛନ୍ତି। ଉପକୂଳ ସହର ସିଦୋନ ସମେତ ଇସ୍ରାଏଲ ଲେବାନନର ଅନେକ ପ୍ରମୁଖ ସହରରେ ଆକ୍ରମଣ ଜାରି ରଖିଛି। ତାୟର ଦିବ୍ବାରେ ଇସ୍ରାଏଲ ଆକ୍ରମଣରେ ୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଦେର କ୍ୱାନନ୍ ଅଲ ନହରରେ ୪ ଜଣଙ୍କର ମୃତ୍ୟୁ ହୋଇଛି। ତେବେ ତାୟରରେ ଇସ୍ରାଏଲ ଆକ୍ରମଣରେ ୧୧ ଜଣଙ୍କର ମୃତ୍ୟୁ ହେବାର ଦିନକ ପରେ ଇସ୍ରାଏଲ ପୁଣିଥରେ ଏହି ସଦ୍ୟ ଆକ୍ରମଣ କରିଛି। ଲେବାନନର କର୍ତ୍ତୃପକ୍ଷମାନେ କହିଛନ୍ତି ଯେ ମାର୍ଚ୍ଚ ମାସରେ ଇସ୍ରାଏଲ ଆକ୍ରମଣ ଆରମ୍ଭ ହେବା ପରଠାରୁ ପାଖାପାଖି ୩,୭୦୦ ଲୋକଙ୍କର ମୃତ୍ୟୁ ହୋଇଛି। ମାର୍ଚ୍ଚ ୨ ତାରିଖରୁ ଇସ୍ରାଏଲ ଆକ୍ରମଣ ଯୋଗୁ ଲେବାନନରେ ୩,୬୯୬ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୧୧,୪୧୩ ଜଣ ଆହତ ହୋଇଛନ୍ତି। ସଂଘର୍ଷ ଯୋଗୁ ବାଧ ହୋଇ ୩ଟି ହସ୍ପିଟାଲ ବନ୍ଦ କରାଯାଇଛି ବୋଲି ମନ୍ତ୍ରାଳୟ କହିଛି। ଇତି ମଧ୍ୟରେ ଇସ୍ରାଏଲ ରାଷ୍ଟ୍ରପତି ଇସାକ ହେରଜୋଗ ଲେବାନନ ରାଷ୍ଟ୍ରପତି ଜୋସେଫଙ୍କୁ ହେଜବୋଲ୍ଲା ମୁକ୍ତ ଲେବାନନ୍ ଦିଗରେ କାମ କରିବା ପାଇଁ ଅନୁରୋଧ କରିଛନ୍ତି। ଏହାରି ଉପରେ ହିଁ ୨ ରାଷ୍ଟ୍ର ମଧ୍ୟରେ ଶାନ୍ତି ନିର୍ଭର କରୁଛି ବୋଲି ଇସ୍ରାଏଲ ରାଷ୍ଟ୍ରପତି କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୀତି ଆୟୋଗ ବୈଠକ

# ଅର୍ଥନୀତିର ଭବିଷ୍ୟତ ଉପରେ ମନ୍ଥନ

ନୂଆଦିଲ୍ଲୀ,୧୧।୬; ଦିଲ୍ଲୀରେ ଅନୁଷ୍ଠିତ ହୋଇଛି ନିତି ଆୟୋଗର ୧୧ତମ ଗଭର୍ଣ୍ଣିଂ କାଉନସିଲ ବୈଠକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକର ଫୋକସରେ ଥିଲା ବିକଶିତ ଭାରତ-୨୦୪୭ । ଅର୍ଥନୀତିର ଭବିଷ୍ୟତ ରୋଡମ୍ୟାପ୍ ଉପରେ ହୋଇଛି ମନ୍ଥନ । ଏଥିରେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ସାମିଲ ହୋଇଛନ୍ତି । ବୈଠକରେ 'ବିକଶିତ ଭାରତ -୨୦୪୭ ଉପରେ ଆଲୋଚନା ହୋଇଛି। କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି, ବିକାଶମୂଳକ ନୀତିର କାର୍ଯ୍ୟକାରିତା ଏବଂ "ବିକଶିତ ଭାରତ ୨୦୪୭" ଲକ୍ଷ୍ୟ ପୂରଣ ପାଇଁ ଏହି ବୈଠକରେ ଗୁରୁତ୍ୱ ଦିଆଯାଉଛି । ରୋଜଗାର ସୃଷ୍ଟି, ନିବେଶ ଆକର୍ଷଣ, କୌଶଳ ବିକାଶ, ସହରୀକରଣ ଓ ଗ୍ରାମୀଣ ବିକାଶ ଭଳି ବିଷୟ ଆଲୋଚନାର କେନ୍ଦ୍ରବିନ୍ଦୁରେ ରହିଛି। ରାଜ୍ୟର ଦ୍ରୁତ ଆର୍ଥିକ ବିକାଶ ସହିତ ଭିତ୍ତିଭୂମି କ୍ଷେତ୍ରରେ ଅଧିକ କେନ୍ଦ୍ରୀୟ ସହଯୋଗ ଆବଶ୍ୟକତା ଉପରେ ମଧ ଗୁରୁତ୍ୱ ଦେଇଛନ୍ତି। ଏ ବର୍ଷ ବି ପୁଡୁଚେରୀ ମୁଖ୍ୟମନ୍ତ୍ରୀ ରଙ୍ଗାସ୍ୱାମୀ ବୈଠକରେ ସାମିଲ ହୋଇନାହାନ୍ତି ।




ରେଳ ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବଜେଟ ଅନୁଦାନ, ସେମିକଣ୍ଡକ୍ଟର କ୍ଷେତ୍ରରେ ରାଜ୍ୟକୁ ମିଳିଥିବା ଦୁଇଟି ପ୍ରକଳ୍ପ, ଶିଶୁ, ଶିକ୍ଷା ଏବଂ ମାନବ ବିକାଶ ଆଦି କ୍ଷେତ୍ରରେ ବିଭିନ୍ନ ଯୋଜନା ସଂପର୍କରେ ସେ ଉଲ୍ଲେଖ କରିଛନ୍ତି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ ମାଧ୍ୟମରେ ଶିଶୁଙ୍କ ପାଇଁ ବ୍ୟକ୍ତିଗତ ଶିକ୍ଷା ଓ ବିକାଶ ନିରୀକ୍ଷଣ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ସେ ଘୋଷଣା କରିଛନ୍ତି ।

## ମମତାଙ୍କୁ ଝଟ୍କା: ଚାରି ଦିନରେ ୪ ଇସ୍ତଫା



କୋଲକାତା,୧୧।୬: ବଙ୍ଗଳା ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ ଦମନକାରୀ ପରାଜୟ ପରେ ତୃଣମୂଳ କଂଗ୍ରେସ ସାମ୍ନାରେ ଥିବା ସଙ୍କଟ ଆହୁରି ଘନିଭୂତ ହେଉଛି। ଦଳ ଭିତରେ ଆରମ୍ଭ ହୋଇଥିବା ବିଦ୍ରୋହ ଏବେ ରାଜ୍ୟ ବିଧାନସଭାରୁ ସଂସଦକୁ ବ୍ୟାପିଛି। ଗୁରୁବାର, ରାଜ୍ୟସଭା ଏମପି ପ୍ରକାଶ ଚିକ ବାରାଇକ ଏବଂ ସାଂସଦ-ଅଭିନେତ୍ରୀ କୋଏଲ ମଲ୍ଲିକ ମଧ୍ୟ ସେମାନଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଏହା ସହିତ, ଗତ ଚାରି ଦିନ ମଧ୍ୟରେ ରାଜ୍ୟ ସଭାରୁ ଇସ୍ତଫା ଦେଇଥିବା ତୃଣମୂଳ ଏମପିଙ୍କ ସଂଖ୍ୟା ଚାରିରେ ପହଞ୍ଚିଛି; ସୁଖେନ୍ଦୁ ଶେଖର ରାୟ ଏବଂ ସୁସ୍ମିତା ଦେବ ପୂର୍ବରୁ ଉଚ୍ଚ ସଦନର ସଦସ୍ୟତା ଛାଡି ଦେଇଥିଲେ। ଇସ୍ତଫା ଦେବା ପରେ, ପ୍ରକାଶ ଚିକ ବାରାଇକ କହିଛନ୍ତି ଯେ ସେ ସାମ୍ପ୍ରତିକ ନିର୍ବାଚନରେ ଜନସାଧାରଣଙ୍କ ଦ୍ୱାରା ଦିଆଯାଇଥିବା ଜନାଦେଶକୁ ସମ୍ମାନ ଜଣାଇ ଏହି ନିଷ୍ପତ୍ତି ନେଇଛନ୍ତି। ତୃଣମୂଳ ଛାଡିବା ଘୋଷଣା କରି ସେ କହିଛନ୍ତି ଯେ ଭବିଷ୍ୟତରେ ସେ କେବଳ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ କାମ କରିବେ। ଅଭିଷେକ ବାନାର୍ଜୀଙ୍କ ଘନିଷ୍ଠ ସହଯୋଗୀ ଭାବରେ ବିବେଚିତ ବାରାଇକଙ୍କୁ ତୃଣମୂଳ ୨୦୨୩ରେ ରାଜ୍ୟ ସଭାକୁ ପଠାଇଥିଲା ଏବଂ ୨୦୨୪ଲୋକ ସଭା ନିର୍ବାଚନରେ ଆଲିପୁରଦୁଆରରୁ ପ୍ରାର୍ଥୀ ଭାବରେ ଛିଡା କରିଥିଲା।

### ମମତାଙ୍କୁ କଲ୍ୟାଣଙ୍କ ଚେତାବନୀ

କୋଲକାତା,୧୧।୬: ତୃଣମୂଳ କଂଗ୍ରେସରେ ବିଦ୍ରୋହ ବଢୁଥିବାବେଳେ ମମତା ବାନାର୍ଜୀଙ୍କ ଖୁବ୍ ଘନିଷ୍ଠ କଲ୍ୟାଣ ବାନାର୍ଜୀ ମଧ୍ୟ ଗୁରୁବାର ତାଙ୍କ ଅସନ୍ତୋଷ ଜାହିର୍ କରିଛନ୍ତି। କଲ୍ୟାଣ ବାନାର୍ଜୀ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ମମତାଙ୍କୁ ତାଙ୍କୁ କିମ୍ବା ଅଭିଷେକଙ୍କ ମଧ୍ୟ କାହାକୁ ଜଣଙ୍କୁ ବାଛିବାକୁ ଚେତାବନୀ ଦେଇଛନ୍ତି। ସେ ଏପରି ଅପମାନ ସହ୍ୟ କରିପାରିବେନି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଅଭିଷେକ ବାନାର୍ଜୀ ତାଙ୍କୁ ଅପମାନ କରିଥିବା ଓ ତାଙ୍କୁ କଦାପି ବିଶ୍ୱାସ କରନ୍ତି ନାହିଁ ବୋଲି କଲ୍ୟାଣ ବାନାର୍ଜୀ ଅଭିଯୋଗ କରିଛନ୍ତି। ଅଭିଷେକ ଖୁବ୍ ଅହଂକାରୀ ଓ ତାଙ୍କ ଯୋଗୁ ଦଳ ଏମିତି ଅବସ୍ଥାରେ ପହଞ୍ଚି ଥିବା କଲ୍ୟାଣ ଅଭିଯୋଗ କରିଛନ୍ତି। ଜାଲ ଦସ୍ତଖତ ମାମଲାରେ କୋଲକାତା ହାଇକୋର୍ଟରେ ସେ ଅଭିଷେକଙ୍କ ଓକିଲ ଥିବାବେଳେ ଶେଷ ମୁହୂର୍ତ୍ତରେ ତାଙ୍କୁ ହଟେଇ ଦେବାକୁ କଲ୍ୟାଣ ଅପମାନଜନକ ବୋଲି କହିଛନ୍ତି। ତାଙ୍କୁଠାରୁ ବହୁ କନିଷ୍ଠ ଓକିଲଙ୍କୁ ଅଭିଷେକ ମାମଲା ଲଢ଼ିବାକୁ ଦେବାକୁ ନେଇ କଲ୍ୟାଣ ଗଭୀର ମର୍ମାହତ ହୋଇଛନ୍ତି। ସୂଚନାଯୋଗ୍ୟ, ଅନ୍ୟ ସାଂସଦମାନେ ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇଥିବାବେଳେ କଲ୍ୟାଣ ବାନାର୍ଜୀ ମମତାଙ୍କ ସମର୍ଥନ ଛିଡ଼ା ହୋଇଥିଲେ।

## ମୋଦିଙ୍କୁ ପ୍ରଶଂସା କରିବା ପରେ ଦିଦିଙ୍କୁ ଛାଡ଼ିବେ ନାହିଁ କହିଲେ ଶତ୍ରୁଘ୍ନ ସିହ୍ନା



ନୂଆଦିଲ୍ଲୀ,୧୧।୬: ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କଲେ। ଏହାପରେ ମମତା ବାନାର୍ଜୀଙ୍କ ପ୍ରତି ଥିବା ଭଲ ପାଇବାକୁ ଦର୍ଶାଇଲେ। ଭେଟରାନ ଅଭିନେତା ତଥା ଟିଏମସି ସାଂସଦ ଶତ୍ରୁଘ୍ନ ସିହ୍ନା ଗୁରୁବାର ଏପରି କିଛି କଥା କହିଛନ୍ତି, ଯାହାକୁ ନେଇ ରାଜନୀତିକ ଚର୍ଚ୍ଚା ଆରମ୍ଭ ହୋଇଛି। ଏଥିସହ ସେ ଟିଏମସିର ବିଦ୍ରୋହୀ ଗୋଷ୍ଠୀରେ ରହିଥିବା ଖବରକୁ ମଧ୍ୟ ଅଗ୍ରାହ୍ୟ କରିଛନ୍ତି। ଟିଏମସିର ବିଦ୍ରୋହୀ ଗୋଷ୍ଠୀ ସାଂସଦ କାକୋଳି ଘୋଷଙ୍କ ନେତୃତ୍ୱରେ ଏନଡିଏକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ଦେଇଥିବା ଗୋଟିଏ ଚିଠିରେ ଶତ୍ରୁଘ୍ନଙ୍କ ଦସ୍ତଖତ ଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିବା ବେଳେ ଶତ୍ରୁଘ୍ନ ସିହ୍ନା ପ୍ରଥମେ ଏକ୍ସରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଶଂସା କରିଥିଲେ। ସେ ଦେଶର ସର୍ବାଧିକ ସମୟ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବାରୁ ସିହ୍ନା ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାକୁ ନେଇ ବେଶ କିଛି ଆକଳନ କରାଯାଇଥିଲା। ଏକ୍ସରେ ଶ୍ରୀ ସିହ୍ନା ଲେଖିଥିଲେ ଯେ "ଜଣେ ପ୍ରକୃତ କ୍ରୀଡ଼ାବିତ ମନୋଭାବରେ, ଆମର ବନ୍ଧୁ ଓ ସମାଜ/ରାଷ୍ଟ୍ରର ମାର୍ଗଦର୍ଶକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୧୨ ବର୍ଷ କାର୍ଯ୍ୟକାଳ ପୂରଣ କରିବା ପାଇଁ ଶୁଭେଚ୍ଛା ଜଣାଉଛି। ହୁଏତ ଏହା ସବୁଠାରୁ ଲମ୍ବା କାର୍ଯ୍ୟକାଳ। ଆପଣଙ୍କୁ ଦୀର୍ଘ, ସୁସ୍ଥ ଓ ସମୃଦ୍ଧ ଜୀବନ କାମନା କରୁଛି। ଜୟ ହିନ୍ଦ!" ସାଂସଦ ଶ୍ରୀ ସିହ୍ନା ଏକ୍ସରେ ଏହାକୁ ପୋଷ୍ଟ କରି ଟିଏମସି ମୁଖ୍ୟ ମମତା ବାନାର୍ଜୀଙ୍କୁ ମଧ୍ୟ ଟ୍ୟାଗ୍ କରିଥିଲେ।

## ମୋତେ ବ୍ଲାକମେଲ୍ କରୁଥିଲେ ଏପ୍ଷ୍ଟାଇନ୍: ବିଲ୍ ଗେଟ୍ସ

ନୂଆଦିଲ୍ଲୀ,୧୧।୬: ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ଆମେରିକାର ଏକ କଂଗ୍ରେସ କମିଟି ସମ୍ମୁଖରେ ହାଜର ହୋଇ କହିଛନ୍ତି ଯେ, ସେ ଜେଫ୍ରି ଏପଷ୍ଟାଇନଙ୍କ ସହ ସମ୍ପର୍କରେ ଥିବା ସମୟରେ ତାଙ୍କ ଅପରାଧ ବିଷୟରେ ଅଜ୍ଞ ଥିଲେ। ଗେଟ୍ସ କହିଛନ୍ତି, ସେ ତାଙ୍କର ଦାନଶୀଳ କାର୍ଯ୍ୟକଳାପ ଏବଂ



ସାମାଜିକ ପ୍ରକଳ୍ପ ପାଇଁ ପାଣ୍ଠି ସଂଗ୍ରହ କରିବା ପାଇଁ ଏପଷ୍ଟାଇନଙ୍କୁ ଭେଟିଥିଲେ। ଗେଟ୍ସ କହିଛନ୍ତି, ସେ କେବେ ଏପଷ୍ଟାଇନଙ୍କୁ କୌଣସି ଅପରାଧ କରୁଥିବାର ଦେଖି ନାହାନ୍ତି। ତେବେ ସେ ଅଭିଯୋଗ କରିଛନ୍ତି ଯେ, ଏପଷ୍ଟାଇନ ତାଙ୍କ ପରକୀୟା ପ୍ରୀତି ସମ୍ପର୍କ ବିଷୟରେ ଜାଣି ତାଙ୍କୁ ବ୍ଲାକମେଲ୍ କରୁଥିଲେ।

## ପିଓକେରେ ପାକ୍ ସେନାର ବର୍ବରତା ଆନ୍ଦୋଳନକାରୀଙ୍କ ଉପରେ ଗୁଳିମାଡ଼, ୧୬ ମୃତ

ମୁଜାଫରାବାଦ/ରାୱାଲାକୋଟ,୧୧।୬: ପାକିସ୍ତାନ-ଅଧିକୃତ କାଶ୍ମୀର (ପିଓକେ) ରୁ ଏକ ଅତ୍ୟନ୍ତ ବର୍ବର ଘଟଣା ସାମ୍ନାକୁ ଆସିଛି। ଗୁରୁବାର ଦିନ ପିଓକେର ଇଦଗା ମୈଦାନରେ ମୌଳିକ ଅଧିକାର ଦାବିରେ ଶାନ୍ତିପୂର୍ଣ୍ଣ ଭାବେ ଏକତ୍ରିତ ହୋଇଥିବା ହଜାର ହଜାର ନିରୀହ ପ୍ରଦର୍ଶନକାରୀଙ୍କ ଉପରେ ପାକିସ୍ତାନୀ ସେନା ଆଖିବୁଜା ଗୁଳିମାଡ଼ କରିଛି। ଏହି ବର୍ବରକାଣ୍ଡରେ ଅତିକମରେ ୧୬ ଜଣ ଆନ୍ଦୋଳନକାରୀଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଜନସାଧାରଣ ସେମାନଙ୍କ ଦୈନନ୍ଦିନ ଜୀବନର ଅତ୍ୟାବଶ୍ୟକ ସାମଗ୍ରୀ ଯେପରିକି ଶସ୍ତା ଅଟା, ଚାଉଳ, ବିଦ୍ୟୁତ ଓ ନିଜର ମୌଳିକ ସାମ୍ବିଧାନିକ ଅଧିକାର ଦାବି କରି ଏହି ଆନ୍ଦୋଳନ କରୁଥିଲେ, ମାତ୍ର ପାକ୍ ସେନାର ଆକ୍ରମଣ ଯୋଗୁଁ ସମଗ୍ର ଅଞ୍ଚଳ ରଣକ୍ଷେତ୍ରରେ ପରିଣତ ହୋଇଛି। ଗତ ମଙ୍ଗଳବାର ଦିନ ମଧ୍ୟ ପିଓକେରେ ସୁରକ୍ଷାବଳ ଏବଂ ପ୍ରଦର୍ଶନକାରୀଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ



୩୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୦ ରୁ ଅଧିକ ଲୋକ ଆହତ ହୋଇଥିଲେ। ଗୁରୁବାରର ଏହି ବିଶାଳ ସମାବେଶ ମାଧ୍ୟମରେ ଆନ୍ଦୋଳନକାରୀମାନେ ପୂର୍ବ ହିଂସାକାଣ୍ଡର ନ୍ୟାୟ ଏବଂ ପାକିସ୍ତାନ ସରକାରଙ୍କ ବେଆଇନ କାର୍ଯ୍ୟାନୁଷ୍ଠାନ ବିରୋଧରେ ନାରାବାଜି କରୁଥିଲେ, ଯେଉଁଠି ପାକିସ୍ତାନ ସେନା ତା'ର ବର୍ବରତା ଦେଖାଇଛି। ଏହି ସାଂଘାତିକ ଘଟଣା ପରେ ପିଓକେରେ ପାକିସ୍ତାନ ସରକାର ଓ ସେନା ବିରୋଧରେ ଜନଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି।

## ହର୍ମୁଜ୍ ଷ୍ଟ୍ରେଟ୍ ସିଲ୍ କଲା ଇରାନ ବିନା ଅନୁମତିରେ ଜାହାଜ ଗଲେ ଆକ୍ରମଣ କରିବାକୁ ଚେତାବନୀ

ନୂଆଦିଲ୍ଲୀ,୧୧।୬: ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ। ଷ୍ଟ୍ରେଟ୍ ଅଫ୍ ହୋର୍ମୁଜରେ ଘନେଇଲା ସଙ୍କଟ। ଆମେରିକାର ଆକ୍ରମଣ ପରେ ପୁଣି ଥରେ ହୋର୍ମୁଜ ପ୍ରଣାଳୀରେ କଟକଣା ଲଗାଇଲା ଇରାନ। ଗୁରୁବାର ଠାରୁ ହୋର୍ମୁଜରେ କୌଣସି ଜାହାଜକୁ ଅନୁମତି ମିଳିବନି ବୋଲି ତେହରାନ ଘୋଷଣା କରିଛି। ତେଲ ଟ୍ୟାଙ୍କର, ବାଣିଜ୍ୟିକ ଜାହାଜ ସମେତ ଯେକୌଣସି ବୁଡ଼ାଜାହାଜ ଏହି ଜଳମାର୍ଗ ଦେଇ ଗତିକରିବ ତାକୁ ଟାର୍ଗେଟ୍ କରାଯିବ ବୋଲି ଇରାନ ଚେତାବନୀ ଦେଇଛି। ଆଇଆରଜିସି ଅନୁଯାୟୀ, ଆମେରିକାର ପୁନର୍ବାର ସାମରିକ ଆକ୍ରମଣ ପରେ ଏହି ନିଷ୍ପତ୍ତି ନିଆଯାଇଛି। ନିର୍ଦ୍ଦେଶ ଅନୁଯାୟୀ, ତେଲ ଟ୍ୟାଙ୍କର, ମାଲବାହୀ ଜାହାଜ ଏବଂ ଅନ୍ୟ ସମସ୍ତ ପ୍ରକାରର ସାମୁଦ୍ରିକ ଜାହାଜର ଗତିବିଧିକୁ ତୁରନ୍ତ ବନ୍ଦ କରାଯାଇଛି। ଇରାନୀ ଗଣମାଧ୍ୟମ ଅନୁଯାୟୀ, ହୋର୍ମୁଜ୍ ପ୍ରଣାଳୀରେ ଆମେରିକୀୟ ନୌସେନା ଏବଂ ଆଇଆରଜିସି ନୌସେନା ମଧ୍ୟରେ ତୀବ୍ର ଉତ୍ତେଜନା ଏବଂ ଗୁଳି ବିନିମୟ ହୋଇଛି। ଆଇଆରଜିସି ନୌସେନା ଦାବି କରିଛି ଯେ ଏହାର ଅନୁମତି ବିନା ହୋର୍ମୁଜ୍ ଦେଇ ଯିବାକୁ ଚେଷ୍ଟା କରିଥିବା ଦୁଇଟି ଜାହାଜକୁ ଟାର୍ଗେଟ କରାଯାଇଛି।

# ଯୁଦ୍ଧ ଯୋଗୁଁ ଭିଟାମାଟି ଛାଡ଼ିଛନ୍ତି ୧୧ କୋଟି ୮୦ ଲକ୍ଷ ଲୋକେ

ଜେନେଭା,୧୧।୬: ବିଶ୍ୱରେ ଜାରି ରହିଥିବା ଯୁଦ୍ଧ ତଥା ଉତ୍ତେଜନାପୂର୍ଣ୍ଣ ଭୂରାଜନୈତିକ କାରଣ ଯୋଗୁଁ ବିଭିନ୍ନ ଦେଶର ବହୁ ଲୋକେ ନିଜ ଭିଟାମାଟି ଛାଡିବାକୁ ବାଧ ହେଉଛନ୍ତି। ତେବେ ଅସୁରକ୍ଷିତ ଏବଂ ଅସ୍ଥିର ପରିସ୍ଥିତି ସତ୍ତ୍ୱେ ଅଧିକ ଲୋକ ବାଧ ହୋଇ ଘରକୁ ଫେରିଆସୁଛନ୍ତି। ଫଳରେ ଗତ ଏକ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ବିସ୍ଥାପିତଙ୍କ ସଂଖ୍ୟା ହ୍ରାସ ପାଇଛି ବୋଲି ଜାତିସଂଘ ଗୁରୁବାର କହିଛି। ବିସ୍ଥାପିତଙ୍କ ସଂଖ୍ୟା କମିବାରେ ଭିଟାମାଟିମୁହାଁ ହୋଇଥିବା ଲୋକେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଜାତିସଂଘ ଶରଣାର୍ଥୀ ଉଚ୍ଚାୟୁକ୍ତ(ୟୁଏନ୍ଏଚ୍ଆର୍ସି) ପକ୍ଷରୁ କୁହାଯାଇଛି, ୨୦୨୫ ଶେଷ ସୁଦ୍ଧା, ସାରା ବିଶ୍ୱରେ ୧୧୭.୮ନିୟୁତ ଲୋକ ବିସ୍ଥାପିତ ହୋଇଥିଲେ। ଏହି ସଂଖ୍ୟା ୨୦୨୪ ବର୍ଷ ତୁଳନାରେ ୫.୪ ନିୟୁତ କମ୍ ରହିଥିଲା। ଏଜେନ୍ସି କହିଛି ଯେ ଯୁଦ୍ଧ, ହିଂସା ଏବଂ ନିର୍ଯାତନା ଯୋଗୁଁ ଲୋକେ ପଳାୟନ କରିବାକୁ ବାଧ ହେଉଛନ୍ତି। ତେବେ ଆଗାମୀ ଦଶନ୍ଧି ମଧ୍ୟରେ



ବିସ୍ଥାପିତଙ୍କ ସଂଖ୍ୟା କମିବାର ସମ୍ଭାବନା ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏନେଇ ପଦକ୍ଷେପ ନେବାକୁ ମଧ ରିପୋର୍ଟରେ ଅନୁରୋଧ କରାଯାଇଛି। ବାର୍ଷିକ ରିପୋର୍ଟରେ, ୟୁଏନ୍ଏଚ୍ଆରସି ପକ୍ଷରୁ କୁହାଯାଇଛି ୨୦୨୫ ମସିହାରେ ମୋଟ ୧୪.୭ ନିୟୁତ ବିସ୍ଥାପିତ ଲୋକ ନିଜ ଭିଟାମାଟିକୁ ଫେରି ଆସିଥିଲେ। ସେମାନଙ୍କ ମଧ୍ୟରେ ୪.୪ ନିୟୁତ ଶରଣାର୍ଥୀ ସାମିଲ ଥିଲେ ଯେଉଁମାନେ ନିଜ ଦେଶକୁ ଫେରିଯାଇଥିଲେ। ଏହା ୬୦ ବର୍ଷ ମଧ୍ୟରେ ଶରଣାର୍ଥୀ ଫେରିବାର ଦ୍ୱିତୀୟ ସର୍ବାଧିକ ସଂଖ୍ୟା। ଜାତିସଂଘ ଶରଣାର୍ଥୀ ମୁଖ୍ୟ ବାରହାମ ସାଲିହ ଜେନେଭାରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଗତ ବର୍ଷ ୯୦ ପ୍ରତିଶତରୁ ଅଧିକ ଶରଣାର୍ଥୀ ଆଫଗାନିସ୍ତାନ, ସୁଡାନ ଏବଂ ସିରିଆରେ ଫେରିଆସିଛନ୍ତି। ଏହି ପ୍ରତ୍ୟାବର୍ତ୍ତନ ସୁରକ୍ଷା ଏବଂ ସ୍ଥିରତା ପରିସ୍ଥିତି ଯୋଗୁଁ ଘଟିନାହିଁ। ଚାପ ପ୍ରୟୋଗ ଦ୍ୱାରା ଏଭଳି ହୋଇଥିବା ସେ ସୂଚିତ କରିଛନ୍ତି। ସେ ଚେତାବନୀ ଦେଇ କହିଛନ୍ତି, ବାଧ ହୋଇ ଚାପଗ୍ରସ୍ତ ଶରଣାର୍ଥୀ ସୁରକ୍ଷା ସ୍ଥିତି ଖରାପ ଥିବା ଦେଶକୁ ଫେରିଯାଇଛନ୍ତି। ସେମାନଙ୍କ ଭିଟାମାଟିରେ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ମୌଳିକ ସେବା ଏବଂ ଆର୍ଥିକ ସୁଯୋଗ ଅଭାବ ରହିଛି। ଅସୁରକ୍ଷିତ ପ୍ରତ୍ୟାବର୍ତ୍ତନ କେବେ ମଧ୍ୟ ସମାଧାନ ନୁହେଁ ବୋଲି ସେ ଜୋର ଦେଇ କହିଛନ୍ତି। ଏହା ଏକ ନୂତନ ବିସ୍ଥାପନ ଚକ୍ରର ଆରମ୍ଭ ହେବାର ବିପଦ ସୃଷ୍ଟି କରୁଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୨୫ ଶେଷ ସୁଦ୍ଧା ବିସ୍ଥାପିତଙ୍କ ମଧ୍ୟରେ ୪୧.୬ ନିୟୁତଙ୍କୁ ଶରଣାର୍ଥୀ ବୋଲି ବିବେଚନା କରାଯାଉଛି। ଶରଣାର୍ଥୀଙ୍କ ମଧ୍ୟରୁ ସମ୍ପୂର୍ଣ୍ଣ ୬୦ ପ୍ରତିଶତ ଆଠଟି ଦେଶରୁ ପଳାଇ ଆସିଥିଲେ। ସେମାନଙ୍କ ମଧ୍ୟରେ ପ୍ରାୟ ଦଶ ଲକ୍ଷ କେବଳ ଯୁଦ୍ଧଗ୍ରସ୍ତ ସୁଦାନରୁ ଆସିଥିଲେ ଏବଂ ପ୍ରାୟ ୮ ଲକ୍ଷ ୟୁକ୍ରେନରୁ ପଳାଇ ଆସିଥିଲେ। ବିଶ୍ୱର ୭୦ ପ୍ରତିଶତ ଶରଣାର୍ଥୀ ଆଫଗାନିସ୍ତାନ, ଦକ୍ଷିଣସୁଦାନ, ସୁଦାନ, ସିରିଆ, ୟୁକେନ ଏବ ଭେନଜୁଏଲାରୁ ଆସିଛନ୍ତି। କଲମ୍ବିଆ, ଜର୍ମାନୀ ଏବଂ ତୁର୍କୀ ଶରଣାର୍ଥୀଙ୍କୁ ଆଶ୍ରୟ ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି। ରିପୋର୍ଟରେ ଚଳିତ ବର୍ଷ ଆରମ୍ଭରୁ ବହୁ ସଂଖ୍ୟକ ବିସ୍ଥାପନ ପାଇଁ ଅନେକ ସଙ୍କଟ ମଧ ଉଲ୍ଲେଖ କରାଯାଇଛି। ଏଥିରେ ଫେବ୍ରୁଆରିରେ ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟ ଅନ୍ତର୍ଭୁକ୍ତ। ଏହା ଯୋଗୁ ଇରାନରେ ୩.୨ ନିୟୁତ ଲୋକ ଭିଟାମାଟି ଛାଡିବାକୁ ବାଧ ହୋଇଥିଲେ। ଲେବାନନରେ, ମାର୍ଚ୍ଚ ମାସରୁ ଇସ୍ରାଏଲୀ ଆକ୍ରମଣ ଯୋଗୁଁ ଦଶ ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଥିବା ୟୁଏନ୍ଏଚ୍ଆର୍ସି ସୂଚିତ କରିଛି। ବର୍ଷ ଆରମ୍ଭରୁ ଇରାନ ଏବଂ ଲେବାନନରେ ସଂଘର୍ଷ ଯୋଗୁଁ ସେଠାରେ ଆଶ୍ରୟ ନେଇଥିବା ସିରିଆ ଏବଂ ଆଫଗାନିସ୍ତାନର ଅନେକ ଶରଣାର୍ଥୀ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଚାପଗ୍ରସ୍ତ ହୋଇ ସ୍ୱଦେଶ ବାହୁଡ଼ିଥିଲେ। ଜାତିସଂଘ ଶରଣାର୍ଥୀ ସଂସ୍ଥା ଗତ ବର୍ଷ ଶରଣାର୍ଥୀଙ୍କ ପୁନର୍ବାସ ପାଇଁ ସ୍ଥାନର ଅଭାବ ନେଇ ଚିନ୍ତା ପ୍ରକାଶ କରି ଆକଳନ କରିଛି ଯେ, ତୃତୀୟ ଦେଶରେ ପୁନର୍ବାସ କରୁଥିବା ଶରଣାର୍ଥୀଙ୍କ ସଂଖ୍ୟା ୨.୯ ନିୟୁତ ରହିଛି। ସ୍ଥାନର ଅଭାବ ଏବଂ ଆବଶ୍ୟକତା ବଢ଼ିବାରେ ଲାଗିଛି ବୋଲି ଏଜେନ୍ସି ଚେତାବନୀ ଦେଇଛି।

### ସୌମ୍ୟ ହତ୍ୟା ଘଟଣା: ଆସିଲା ପୋଷ୍ଟମର୍ଟମ ରିପୋର୍ଟ

# ଶରୀର ୨୧ ସ୍ଥାନରେ ଲାଗିଥିଲା ଗଭୀର ଆଘାତ

ଭୁବନେଶ୍ୱର(ନିପ୍ର): ବାଲିଅନ୍ତା ସୌମ୍ୟ ହତ୍ୟାକାଣ୍ଡର ମାମଲାର ଶବ ବ୍ୟବଚ୍ଛେଦ ରିପୋର୍ଟ ସାର୍ବଜନୀନ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ, ମୁଣ୍ଡରେ ଶକ୍ତ ଆଘାତ ଯୋଗୁଁ ହୋଇଥିଲା ସୌମ୍ୟଙ୍କ ମୃତ୍ୟୁ ହୋଇଥିଲା। ଏଥିସହ ତାଙ୍କ ଶରୀରର ୨୧ଟି ସ୍ଥାନରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ଏପରିକି ସୌମ୍ୟଙ୍କ ମୁଣ୍ଡର ଆଗ, ପଛ ଓ ମଝିରେ ଶକ୍ତ ଆଘାତ ଲାଗିଥିଲା । ପ୍ରବଳ ମାଡ଼ ଯୋଗୁଁ ରକ୍ତ ଜମାଟ ବାନ୍ଧିବା ସହ ଆବୁ ଭଳି ଫୁଲି ଥିଲା । ରକ୍ତ ଜମାଟ ବାନ୍ଧି ଫୁସଫୁସ ଓ ହୃତପିଣ୍ଡରେ ରକ୍ତ ଜମାଟ ବାନ୍ଧିଥିଲା । ଆଘାତ ଯୋଗୁଁ ହୃତପିଣ୍ଡର ଉଭୟ ଭାଗରେ ଫ୍ଲୁଇଡ୍ ବ୍ଲଡ୍ ମିଳିଛି । ମୃତ୍ୟୁ ପୂର୍ବରୁ ସୌମ୍ୟ ଅଣନିଶ୍ୱାସୀ ହୋଇଯାଇଥିଲେ ଏବଂ ଅତ୍ୟଧିକ କଷ୍ଟ ଯୋଗୁଁ ସେ ମୃତ୍ୟୁବରଣ କରିଥିବା ରିପୋର୍ଟରେ କୁହାଯାଇଛି । ଜାରି ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି ଯେ, ସୌମ୍ୟଙ୍କ ମୃତ୍ୟୁ ଗଭୀର ଆଘାତ ଯୋଗୁଁ ହୋଇଛି। ମୁଣ୍ଡ ଓ ମସ୍ତିଷ୍କରେ ଗଭୀର ଆଘାତ ହିଁ ମୃତ୍ୟୁର ମୁଖ୍ୟ କାରଣ । ମୃତକଙ୍କ ଶରୀରରେ ୨୧ଟି ବାହ୍ୟ ଆଘାତ ଚିହ୍ନ ମିଳିଛି । ଡାହାଣ ଆଖି, ନାକ, ଥୋଡ଼ି, ମୁଣ୍ଡର ଡାହାଣ ପାର୍ଶ୍ୱର, ବାମ କାନ୍ଧ, ପିଠି, ହାତ ଓ ଗୋଡ଼ରେ ବିଭିନ୍ନ ଆକାରର କଳା ଦାଗ ରହିଛି । ଡାହାଣ ହାତ, ବାମ ହାତରେ ଘୋଷଡ଼ା କ୍ଷତ ଚିହ୍ନ ରହିଛି । ମୁଣ୍ଡର ଚର୍ମ ଓ ଖପୁରୀ ତଳେ ରକ୍ତ ଜମାଟ ବାନ୍ଧିଥିଲା । ମସ୍ତିଷ୍କର ସମ୍ମୁଖ, ପାର୍ଶ୍ୱ ପଶ୍ଚାତ ଭାଗରେ ରକ୍ତସ୍ରାବ ହୋଇଥିଲା। ଡାହାଣ ସେରେବ୍ରାଲ ହେମିସ୍ଫିୟରର ଲୋବ୍ ?ରେ ଅତ୍ୟଧିକ ରକ୍ତ ବାହାରି ଆଖପାଖ ଟିସୁକୁ ମାଡି ଯାଇଥିଲା। ସେହିପରି ନିଶା ଦ୍ରବ୍ୟ ସେବନ ଜାଣିବା ପାଇଁ ଭିସେରା, ରକ୍ତ, ପରିସ୍ରା ନମୁନା, ନଖ, ମୁଣ୍ଡ ବାଳ ଓ ରକ୍ତ ଭିଜା ଗଜ ସଂଗ୍ରହ କରି ପୋଲିସକୁ ହସ୍ତାନ୍ତର କରାଯାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପୋଷ୍ଟମର୍ଟମର ଭିଡିଓଗ୍ରାଫି କରାଯାଇଛି। ମୂଳ ରିପୋର୍ଟ କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଥିବା ବେଳେ ଏହାର ନକଲ ପୋଲିସକୁ ହସ୍ତାନ୍ତର କରାଯାଇଛି। ତେବେ ଭିସେରା ରିପୋର୍ଟ ଏପର୍ଯ୍ୟନ୍ତ ଜାରି ହୋଇନାହିଁ ।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅଞ୍ଚଳରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବାମରା ଷ୍ଟେସନ ବସ୍ତିର ରୋଶନ ମିଶ୍ର(୨୫)। ଏନେଇ ପୋଲିସ ଗୋବିନ୍ଦପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଗୋବିନ୍ଦପୁର ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ମୃତ ଯୁବକ ବଜରଙ୍ଗ ଦଳ ଓ ଭାଜପା ସହ ସକ୍ରିୟ ଭାବେ ଜଡ଼ିତ ଥିବାରୁ ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ବୁଧବାର ରାତିରେ ରୋଶନ ଘରେ ଶୋଇଥିବା ସମୟରେ ତାଙ୍କୁ ଏକ ଚିତି ସାପ କାମୁଡ଼ି ଦେଇଥିଲା। କିଛି ସମୟ ପରେ ତାଙ୍କ ଶରୀରରେ ବିଷକ୍ରିୟା ଦେଖାଦେଇଥିଲା। ବାନ୍ତି ସହ ପେଟବ୍ୟଥା ହେବାରୁ ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ଗୋବିନ୍ଦପୁର ମେଡ଼ିକାଲକୁ ନେଇ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧିନ ଅବସ୍ଥାରେ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା।

### ସିଏମଓରୁ ୨ ଫାଇଲ୍ ଚୋରି ମାମଲା

# ଲୋକସେବା ଭବନରେ କ୍ୟାପିଟାଲ ଥାନାର ତନାଘନା

- ରିପୋର୍ଟ ମିସିଂକୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି: ସିପି
- ମାମଲାର ତଦନ୍ତ କରିବେ ଜଣେ ଏସିପି ୨ ଆଇଆଇସି
- ଅପରାଧିକ ଷଡ଼ଯନ୍ତ୍ର ଧାରାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି

ଭୁବନେଶ୍ୱର(ନିପ୍ର): ଲୋକସେବା ଭବନର ସିଏମଓରୁ ୨ ଫାଇଲ ହଜିବା ଘଟଣାରେ ପୋଲିସର ତଦନ୍ତ ଆରମ୍ଭ କରିଛି। କ୍ୟାପିଟାଲ ଥାନା ଅଧିକାରୀ ରାଧାକାନ୍ତ ସାହୁ ଗୁରୁବାର ପୂର୍ବାହ୍ନରେ ଲୋକସେବା ଭବନର ଗୃହ ବିଭାଗର ପହଞ୍ଚି ଏ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରିଛି। ଏଥିସହ ଫାଇଲ ଚୋରି ନେଇ ଥାନାରେ ଅଭିଯୋଗ କରିଥିବା ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡିଙ୍କୁ ପଚରାଉଚରା କରିବା ସହ ତାଙ୍କ ଠାରୁ ଥାନାଧିକାରୀ ସବିଶେଷ ତଥ୍ୟ ଗ୍ରହଣ କରିଥିବା ଜଣାପଡିଛି। ଏହି ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅନୁଯାୟୀ କ୍ୟାପିଟାଲ ଥାନା ପୋଲିସ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଦେବ। ପ୍ରଥମେ କର୍ମଚାରୀଙ୍କ ବୟାନ ରେକର୍ଡ ହେବ। ସିଏମଓ ଏବଂ ଗୃହ ବିଭାଗର ଯେଉଁ ଅଧିକାରୀ ବା କାର୍ଯ୍ୟାଳୟ ସହାୟକ ଏହି ଫାଇଲ୍ ଗୁଡ଼ିକୁ ହ୍ୟାଣ୍ଡେଲ କରୁଥିଲେ ସେମାନଙ୍କୁ ପଚରାଉଚରା କରାଯିବ। ଏହା ପରେ ଡିଜିଟାଲ ଓ ଫିଜିକାଲ ଟ୍ରେଲ୍ ହେବ ବୋଲି ଜଣାପଡିଛି। ଫାଇଲ୍ ମୁଭମେଣ୍ଟ ରେଜିଷ୍ଟର, ରିସିଭିଂ ଆକନଲେଜମେଣ୍ଟ ଏବଂ ସେକ୍ରେଟାରିଏଟ୍‌ର ସିସିଟିଭି ଫୁଟେଜ୍ ଯଦି ଉପଲବ୍ଧ ଥାଏ ତେବେ ତାହା ଯାଞ୍ଚ ହେବ। ଏନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇ କହିଛନ୍ତି, ଫାଇଲ ମିସିଂ ନେଇ ପୋଲିସ ମାମଲା ରୁଜୁ କରିବା ସହ ଏକ ଟିମ୍ ଗଠନ କରିଛି। ଏହି ଟିମ୍‌ରେ ଜଣେ ଏସିପି ପାହ୍ୟାର ଅଧିକାରୀ ଏବଂ ଦୁଇଜଣ ଇନ୍ସପେକ୍ଟର ରହିବେ। ମାମଲାକୁ ଗୁରୁତର ସହ ଗ୍ରହଣ କରିବା ସହ ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିବା ପୋଲିସ କମିଶନର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ଘଟଣାରେ ନାଇଡୁ କମିଶନ ରିପୋର୍ଟ ହଜିବା ଦୁର୍ଭାଗ୍ୟ ଜନକ ଘଟଣା ବୋଲି କହିଛନ୍ତି ଜଷ୍ଟିସ ଏ.ଏସ ନାଇଡୁ । ୧୫ ଶହ ପୃଷ୍ଠାର ରିପୋର୍ଟ ପ୍ରସ୍ତୁତ ହୋଇ ସରକାରଙ୍କୁ ଦିଆଯାଇଥିଲା। ଏହା ଚୋରି ହେବା ସହଜ କଥା ନୁହେଁ । ରିପୋର୍ଟର ଦ୍ୱିତୀୟ କପି ନାହିଁ । କନ୍ଧମାଳରେ ଧର୍ମାନ୍ତିକରଣ ଜୋର ଚାଲୁଥିଲା । ତାକୁ ନେଇ ଲକ୍ଷ୍ମଣାନନ୍ଦ ସ୍ୱର ଉତ୍ତୋଳନ କରୁଥିଲେ ତାପରେ ଦଙ୍ଗା ହୋଇଥିଲା । ୨୦୧୨ ରେ ନାଇଡୁ କମିଶନ ଦାଇତ୍ୱ ନେଇଥିଲି ତିନିବର୍ଷ ଧରି ତଦନ୍ତ ହୋଇଥିଲା । କମିଶନଙ୍କ ନିକଟରେ ଅନେକ ସାକ୍ଷୀ ଦେଇଛନ୍ତି । ବହୁତ ସାକ୍ଷୀଙ୍କୁ ଜେରା କରାଯାଇଛି । ମାଓ ନେତା ସବ୍ୟସାଚୀ ପଣ୍ଡାଙ୍କୁ ସାକ୍ଷୀ ଦେବା ପାଇଁ ଡ଼କା ଯାଇଥିଲା ତାଙ୍କ ସ୍ତ୍ରୀ ଆସି ମଧ୍ୟ ସାକ୍ଷୀ ଦେଇଥିଲେ। ସବ୍ୟସାଚୀ ପଣ୍ଡା ଜେଲରେ ଥିବାରୁ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ତଙ୍କୁ ଜେଲରୁ ଆଣି ସାକ୍ଷୀ ଦେବା ସରକାରଙ୍କ ପକ୍ଷରୁ ସମ୍ଭବ ହେଲା ନାହିଁ। ରିପୋର୍ଟ ପୁନରୁଦ୍ଧାର କରିବା ସମ୍ଭବ ନୁହେଁ ବୋଲି ଜଷ୍ଟିସ ଏ.ଏସ ନାଇଡୁ କହିଛନ୍ତି।

### ରାଜଧାନୀରେ ବିଏଲ୍‌ଓଙ୍କୁ ମାଡ ଅଭିଯୋଗ

## ଆଇଡେଣ୍ଟିଟି କାର୍ଡ ଓ ଏସ୍‌ଆଇଆର ରେଜିଷ୍ଟର ଛଡ଼ାଇ ନେଇଥିବା ଅଭିଯୋଗ

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରରେ ଏକ ଚିନ୍ତାଜନକ ଘଟଣା ଘଟିଛି। ଏକ ବୁଥ୍ ଲେଭଲ୍ ଅଫିସର (ବିଏଲ୍ ?ଓ)ଙ୍କୁ କର୍ତ୍ତବ୍ୟରତ ସମୟରେ ଆକ୍ରମଣ କରାଯାଇଥିବା ଅଭିଯୋଗ ଉଠିଛି। ଏହି ଘଟଣା ଖାରବେଳନଗର ଥାନା ଅଞ୍ଚଳର ୩୫ ନମ୍ବର ୱାର୍ଡ୍ ବୁଥ୍ ନମ୍ବର ୧୦୩ରେ ଘଟିଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ଉକ୍ତ ବିଏଲ୍ ?ଓଙ୍କୁ ମାଡ଼ ମାରି ତାଙ୍କ ପାଖରୁ ଆଇଡେଣ୍ଟିଟି କାର୍ଡ୍ ଏବଂ ଏସ୍ ?ଆଇଆର ରେଜିଷ୍ଟର ଛଡ଼ାଇ ନେଇଯାଇଛି। ଏହି ଘଟଣା ପରେ ପ୍ରଭାବିତ ବିଏଲ୍ ?ଓ ଖାରବେଳନଗର ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି ଏବଂ ନିର୍ବାଚନ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। ସୂଚନାଥାଉ କି, ଉକ୍ତ ବିଏଲ୍ ?ଓ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ କରୁଥିବା ସମୟରେ କିଛି ଲୋକ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣକାରୀମାନେ ତାଙ୍କ ପାଖରୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଛଡ଼ାଇ ନେଇଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ନିର୍ବାଚନ ପ୍ରକ୍ରିୟା ଏବଂ ସରକାରୀ କର୍ମଚାରୀଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛି। ଏପର୍ଯ୍ୟନ୍ତ ଆକ୍ରମଣକାରୀଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ପୋଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ସମସ୍ତ ଦିଗ ତଦନ୍ତ କରୁଛି। ନିର୍ବାଚନ ଆୟୋଗ ଏବଂ ସ୍ଥାନୀୟ ପ୍ରଶାସନ ମଧ୍ୟ ଏହି ଘଟଣାକୁ ଗୁରୁତ୍ୱ ସହକାରେ ନେଇଛନ୍ତି। ଏହି ଘଟଣା ରାଜଧାନୀରେ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟରେ ସୁରକ୍ଷା ବ୍ୟବସ୍ଥା ମଜବୁତ୍ କରିବା ପାଇଁ ଦାବି ଉଠାଇଛି। ବିଭିନ୍ନ ରାଜନୈତିକ ଦଳ ଏବଂ ସାମାଜିକ ସଙ୍ଗଠନ ଏହି ଘଟଣାର ନିଷ୍ପତ୍ତି ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୋଲିସ୍ କମିଶନରେଟ୍ ଏବଂ ନିର୍ବାଚନ ଅଧିକାରୀଙ୍କ ତରଫରୁ ଶୀଘ୍ର ତଦନ୍ତ ରିପୋର୍ଟ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି। ଏହି ଘଟଣା ସମଗ୍ର ଓଡ଼ିଶାରେ ଆଲୋଚନାର ବିଷୟ ହୋଇପାରେ ବୋଲି ଜଣାପଡୁଛି।

## ସ୍ୱାମୀଙ୍କୁ ହତ୍ୟା ଅଭିଯୋଗ: ଥାନାରେ ଏତଲା

କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ଈଶାଣୀପଲା ଅଞ୍ଚଳରେ ଘଟିଥିବା କୈଳାଶ ମଳିକ ହତ୍ୟାକାଣ୍ଡ ଘଟଣା ନୂଆ ମୋଡ଼ ନେଇଛି। ମୃତକଙ୍କ ସ୍ତ୍ରୀ ସଙ୍ଗୀତା ମଳିକ ସୁପାରୀ କିଲର ମାଧ୍ୟମରେ ତାଙ୍କ ସ୍ୱାମୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗ ଅନୁଯାୟୀ, କଜଳବନ୍ଧ ଗ୍ରାମର କୈଳାଶ ମଳିକଙ୍କୁ ଗତ ୧୦ ତାରିଖ ରାତିରେ କିଛି ଦୁର୍ବୃତ୍ତ ସଙ୍ଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସ୍ତ୍ରୀ ସଙ୍ଗୀତା ମଳିକ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ସମ୍ବିତ ମଳିକ ଓ ରାଜନଗର ଥାନା ଅନ୍ତର୍ଗତ ଖଣ୍ଡେଇପଡା ଗ୍ରାମର ସିଲୁ ମଳିକ ତାଙ୍କ ସ୍ୱାମୀଙ୍କୁ ଘରୁ ଡାକି ନେଇଥିଲେ। ପୂର୍ବ ଯୋଜନା ମୁତାବକ ତାଙ୍କୁ ଈଶାଣୀପଲା ଅଞ୍ଚଳକୁ ନିଆଯାଇଥିବା ବେଳେ ସେଠାରେ ପ୍ରଭାକର ନାୟକ, ରାଜକିଶୋର ନାୟକ ଏବଂ ରାହୁଲ ନାୟକ ଭୁଜାଲି ସହ ଆକ୍ରମଣ କରିଥିଲେ। ସଙ୍ଗୀତା ମଳିକଙ୍କ ଅଭିଯୋଗ ଅନୁସାରେ, ତାଙ୍କ ସ୍ୱାମୀଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଏହି ଆକ୍ରମଣ କରାଯାଇଥିଲା। ଗୁରୁତର ଅବସ୍ଥାରେ ସମ୍ପର୍କୀୟମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିଲେ ମଧ୍ୟ ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିବା ବେଳେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗର ସତ୍ୟତା ଏବଂ ହତ୍ୟା ପଛର କାରଣ ସମ୍ପର୍କରେ ପୋଲିସ ଅଧିକ ଖୋଳତାଡ଼ କରୁଥିବା ଜଣାପଡ଼ିଛି।

# ଋଣ ଦେବା ନାଁରେ ଠକେଇର ପର୍ଦ୍ଦାଫାଶ

### ୧୩୭ ମୋଟରସାଇକେଲ, ୧୨୭ ମୋବାଇଲ ଫୋନ୍ ଓ ନଗଦ ୩.୬୧ ଲକ୍ଷ ଟଙ୍କା ଜବତ, ଅଭିଯୁକ୍ତ ଗିରଫ

କଟକ : ଗଜପତି ଜିଲ୍ଲାର ଅଡବା ଥାନା ପୋଲିସ ଋଣ ପ୍ରଦାନ ନାମରେ ଦୀର୍ଘଦିନ ଧରି ସାଧାରଣ ଲୋକଙ୍କୁ ଠକେଇ କରୁଥିବା ଏକ ବଡ ରାକେଟର ପର୍ଦ୍ଦାଫାଶ କରିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କେ. ରବୀନ୍ଦ୍ର ରେଡ୍ଡୀଙ୍କୁ ପୋଲିସ ଗିରଫ କରିଥିବାବେଳେ ତାଙ୍କ ନିକଟରୁ ନଗଦ ୩,୬୧,୨୦୦ ଟଙ୍କା, ୧୩୭ଟି ମୋଟର ସାଇକେଲ, ୧୨୭ଟି ମୋବାଇଲ ଫୋନ୍, ବିଭିନ୍ନ ଗାଡ଼ିର ଆରସି ଓ ସ୍ମାର୍ଟ କାର୍ଡ, ଚୁକ୍ତିପତ୍ର, ଷ୍ଟାମ୍ପ ପେପର ସହ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରାଯାଇଛି। ଅଭିଯୋଗ ଅନୁସାରେ, ରବୀନ୍ଦ୍ର ରେଡ୍ଡୀ ଲୋକମାନଙ୍କୁ ମୋଟରସାଇକେଲ, ସୁନା ଅଳଙ୍କାର, ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ସହ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜମା ରଖିଲେ ଋଣ ପ୍ରଦାନ କରିବ ବୋଲି ପ୍ରଲୋଭିତ କରୁଥିଲେ। ଏହି ପ୍ରଲୋଭନରେ ପଡିମ ପ୍ରାୟ ଛଅ ମାସ ପୂର୍ବେ ଜଣେ ବ୍ୟକ୍ତି ନିଜର ମୋଟରସାଇକେଲ ଓ ସମ୍ପୃକ୍ତ କାଗଜପତ୍ର ଅଭିଯୁକ୍ତଙ୍କ ନିକଟରେ ଜମା ରଖି ୨୦,୦୦୦ ଟଙ୍କା ଋଣ ନେଇଥିଲେ। ଏଥିସହ ଅଭିଯୁକ୍ତ ତାଙ୍କଠାରୁ ଏକ ଖାଲି ଷ୍ଟାମ୍ପ ପେପରରେ ସ୍ୱାକ୍ଷର ମଧ୍ୟ ନେଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଋଣ ରାଶି ଫେରସ୍ତ କରି ନିଜ ମୋଟରସାଇକେଲ ଫେରାଇ ନେବାକୁ ଚାହିଁଥିଲେ ମଧ୍ୟ ରବୀନ୍ଦ୍ର ରେଡ୍ଡୀ ବିଭିନ୍ନ ବାହାନା ଦେଖାଇ ତାଙ୍କୁ ଏଡ଼ାଇ ଚାଲିଥିଲେ। ଶେଷରେ ସେ ଗାଡ଼ି ଫେରାଇବାକୁ ସିଧାସଳଖ ମନା କରିଦେଇଥିଲେ, ଯାହା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ଅଭିଯୋଗକୁ ଆଧାର କରି ଆର୍. ଉଦୟଗିରି ଉପଖଣ୍ଡ ପୋଲିସ ଅଧିକାରୀ, ରାକେଶ ସାହୁଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ କ୍ରମରେ ଅଭିଯୁକ୍ତଙ୍କ ବାସଭବନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ବିପୁଳ ପରିମାଣର ମୋଟରସାଇକେଲ, ମୋବାଇଲ ଫୋନ୍, ନଗଦ ଟଙ୍କା ଓ ବିଭିନ୍ନ ଦସ୍ତାବିଜ ଜବତ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତଜଣକ ଋଣ ପ୍ରଦାନ ନାମରେ ବହୁ ଲୋକଙ୍କୁ ସମାନ ଢଙ୍ଗରେ ଠକେଇ କରିଥାଇପାରନ୍ତି। ଏହି ରାକେଟ୍ ସହ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଆହୁରି କେତେ ଲୋକ ଏହାର ଶିକାର ହୋଇଛନ୍ତି, ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି। ଘଟଣାର ସମସ୍ତ ଦିଗକୁ ନେଇ ଅଧିକ ତଦନ୍ତ ଚାଲିଛି।

## ଚାମେଲୀ ଓଝାଙ୍କୁ ଉଠାଇ ନେଲା ପୋଲିସ !

### ପୋଲିସ ଅତ୍ୟାଚାର ଅଭିଯୋଗ ଆଣିଲେ ଯୁବ ସରପଞ୍ଚ



କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ତିଖିରି ଚର୍ଚ୍ଚିତ ଯୁବ ସରପଞ୍ଚ ଚାମେଲୀ ଓଝାଙ୍କୁ ମହାକାଳପଡ଼ା ପୋଲିସ ଉଠାଇ ନେଇଥିବା ଘଟଣାକୁ ନେଇ ସୃଷ୍ଟି ହୋଇଛି ଚର୍ଚ୍ଚା। ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ମହାକାଳପଡ଼ା ବ୍ଲକକୁ ଯାଇଥିବା ବେଳେ ପୋଲିସ ତାଙ୍କୁ ଏବଂ ତାଙ୍କ ଭାଇକୁ ଉଠାଇ ନେଇଥିବା ସୂଚନା ମିଳିଛି। ପୋଲିସ କାହିଁକି ଏବଂ କେଉଁ କାରଣ ପାଇଁ ଏଭଳି କଲା ଚାମେଲୀ ଓଝା ପୋଲିସ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ, ମହାକାଳପଡ଼ା ତିଖିରି ଅଞ୍ଚଳରେ ପରିଚିତ ଯୁବ ସରପଞ୍ଚ ଚାମେଲୀ ଓଝା କିଛି ପଞ୍ଚାୟତ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ମହାକାଳପଡ଼ା ବ୍ଲକକୁ ଯାଇଥିଲେ। ସେହି ସମୟରେ ପୋଲିସ ତାଙ୍କୁ ନେଇଯାଇଥିବା ଅଭିଯୋଗ ହୋଇଛି। ଏହାପରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପ୍ରକାଶ ପାଇଛି, ଯେଉଁଥିରେ ଚାମେଲୀ ଓଝା ପୋଲିସ ତାଙ୍କ ଉପରେ ଅତ୍ୟାଚାର କରିଥିବା ଦାବି କରୁଥିବା ଦେଖିବାକୁ ମିଳୁଛି। ତେବେ ଏହି ଅଭିଯୋଗ ସମ୍ପର୍କରେ ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସରକାରୀ ପ୍ରତିକ୍ରିୟା ମିଳିନାହିଁ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବଢ଼ିଥିବା ବେଳେ, ପୋଲିସ କେଉଁ କାରଣରୁ ତାଙ୍କୁ ନେଇଥିଲା ଏବଂ ଚାମେଲୀ ଓଝାଙ୍କ ଅଭିଯୋଗର ସତ୍ୟତା କଣ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଚାମେଲୀଙ୍କ ଉପରେ ପୋଲିସ ଦ୍ୱାରା ଆକ୍ରମଣ ହୋଇଥିବା ନେଇ ଚାମେଲୀଙ୍କ ବାବା ଅଭିଯୋଗ ଆଣିଥିବା ବେଳେ ଚାମେଲୀଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଦେଖିବାକୁ ମିଳିଛି ।

## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ଯାତ୍ରୀବାହୀ ଅଟୋ: ୫ ଆହତ



ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନା ସିକିରି - ଖରିଡା ମଧ୍ୟବର୍ତ୍ତୀ ରାସ୍ତାରେ ଭାରସାମ୍ୟ ହରାଇ ଏକ ଯାତ୍ରୀବାହୀ ଅଟୋ ବିଦ୍ୟୁତ୍ ଖୁଣ୍ଟ ସହ ଧକ୍କା ଘଟିଛି। ଦୁର୍ଘଟଣାରେ ୫ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ହିଞ୍ଜିଳି ଥାନା ଗିରିଆ ଗ୍ରାମର ଲବ ସେଠି (୧୫), କବିସୂର୍ଯ୍ୟନଗର ଥାନା ମୋରାବାଇ ଗ୍ରାମର ସବିତା ସ୍ୱାଇଁ (୪୨), ଉଲ୍ଲୀ ସ୍ୱାଇଁ(୫୫) ଓ ଝାଡବାଇ ଗ୍ରାମର ରଙ୍କ ରାଉଳ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ଲବଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ହିଞ୍ଜିଳି ପୁଲିସ ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଘଟଣାର ତଦନ୍ତ ଚଳାଇଛି। ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇନଥିବା ଜଣାପଡିଛି। ପ୍ରକାଶ ଯେ, ଗୁରୁବାର ଅପରାହ୍ନରେ ହିଞ୍ଜିଳିକାଟୁଠାରୁ ଏକ ଯାତ୍ରୀବାହୀ ଅଟୋ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ କବିସୂର୍ଯ୍ୟନଗର ଥାନା ମୋତାବାଇ ଅଭିମୁଖେ ଯାଉଥିଲା। ସିକିରି - ଖରିଡା ମଧ୍ୟବର୍ତ୍ତୀ ରାସ୍ତାରେ ଚାଳକ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୫ ଜଣ ଆହତ ହୋଇଥିବାବେଳେ ଅଟୋଟି କ୍ଷତିଗ୍ରସ୍ତ ହେବା ସହ ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗି ପଡିଛି। ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଚାଳକ ଫେରାର ହୋଇଯାଇଥିଲା। ସଂପୃକ୍ତ ଅଟୋ ମାଲିକ ବିଦ୍ୟୁତ୍ ଖୁଣ୍ଟ ବାବଦକୁ କ୍ଷତିପୂରଣ ରାଶି ପ୍ରଦାନ ନ କଲେ ଅଟୋ ମାଲିକଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରାଯିବ ବୋଲି ଟିପିଏସଓଡିଏଲ ହିଞ୍ଜିଳିକାଟୁ ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନିଲ କୁମାର ସ୍ୱାଇଁ କହିଛନ୍ତି।

### ବିନୋଦ ଦାସଙ୍କୁ ମିଳିଲା ନ୍ୟାୟ

## ଥାର୍ଡ ଡିଗ୍ରୀ ଅଭିଯୋଗରେ ଏସଆଇ ଓ ଏଏସଆଇ ସସ୍‌ପେଣ୍ଡ

କେନ୍ଦ୍ରାପଡ଼ା(ନିପ୍ର): ପଟ୍ଟାମୁଣ୍ଡାଇ ଅବକାରୀ ଥାନାରେ ଥାର୍ଡ ଡିଗ୍ରୀ ପ୍ରୟୋଗ ଅଭିଯୋଗରେ ଅବକାରୀ ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି। ରାଜନଗର ଅଞ୍ଚଳର ବିନୋଦ ଦାସଙ୍କୁ ଅବୈଧ ଭାବେ ନିର୍ଯାତନା ଦିଆଯାଇଥିବା ଅଭିଯୋଗର ତଦନ୍ତ ପରେ ସମ୍ପୃକ୍ତ ଦୁଇ ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି। ଅବକାରୀ କମିଶନରଙ୍କ ନିର୍ଦ୍ଦେଶକ୍ରମେ ପଟ୍ଟାମୁଣ୍ଡାଇ ଅବକାରୀ ଥାନାର ଏସଆଇ ଛାୟାକାନ୍ତ ନାୟକ ଏବଂ ଏଏସଆଇ ପ୍ରଦୀପ ମଲ୍ଲିକଙ୍କୁ ନିଲମ୍ବିତ କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶେଷରେ ବିଭାଗୀୟ ତଦନ୍ତ ପରେ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବାରୁ ବିନୋଦ ଦାସଙ୍କୁ ନ୍ୟାୟ ମିଳିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

# ରେଲୱେରେ ଚାକିରି କରାଇଦେବା ନାମରେ ୨୧ଲକ୍ଷ ଠକେଇ ମାମଲା: ଯୁବକ ଗିରଫ



ଆସିକା(ନିପ୍ର): ରେଲୱେରେ ଚାକିରି କରାଇଦେବା ନାମରେ ୨୧ଲକ୍ଷ ଟଙ୍କା ଠକେଇ ମାମଲାରେ ଆସିକା ଥାନା କେସ ନମ୍ବର ୨୩୫/୨୬ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉକି ଆସିକା ଥାନା ଅଧୀନ ସାପୁଆ ପଲ୍ଲୀ ଗ୍ରାମର ବୃନ୍ଦାବନ ପାଳଙ୍କ ପୁଅ ବାଳକୃଷ୍ଣ ପାଳ (୪୪) ଙ୍କର ଭଦ୍ରକ ଜିଲ୍ଲା ଧୂସୁରୀ ଥାନା ଅନ୍ତର୍ଗତ ଓଲଟପୁର ଗ୍ରାମର କୃଶ ଚରଣ ନାଥଙ୍କ ପୁଅ ଗଦାଧର ନାଥ (୪୫)ସହ କଟକରେ ସାକ୍ଷାତ ପରେ ପରିଚୟ ସୃଷ୍ଟି ହୋଇଥିଲା। ଏହାକୁ ଆଧାର କରି ପ୍ରାୟ ଏକ ବର୍ଷ ପୂର୍ବେ ବାଳକୃଷ୍ଣଙ୍କୁ ପାଞ୍ଚ ମାସ ମଧ୍ୟରେ ରେଲୱେରେ ଲୋକପାଇଲଟ ଚାକିରି ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ବ୍ୟାଙ୍କ ଆକାଉଣ୍ଟ ଜମା ଏବଂ ଫୋନ୍ ପେ ମାଧ୍ୟମରେ ବିଭିନ୍ନ ସମୟରେ ପ୍ରାୟ ୨୧ ଲକ୍ଷ ଟଙ୍କା ଗଦାଧର ନେଇଥିଲେ। ବାଳକୃଷ୍ଣଙ୍କ ବିଶ୍ୱାସ ହାସଲ କରିବା ପାଇଁ ଅଭିଯୁକ୍ତ ଗଦାଧର ନାଥ ଚାକିରି ସମ୍ବନ୍ଧୀୟ ଏକ ଚିଠି ଦେଇଥିଲେ। କିନ୍ତୁ ଚିଠିରେ କୌଣସି ନାମ କିମ୍ବା ଠିକଣା ନଥିଲା, ଯାହା ଫଳରେ ବାଳକୃଷ୍ଣଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ଯାଞ୍ଚ ପରେ ବାଳକୃଷ୍ଣ ଜାଣି ପାରିଥିଲେ ଯେ ଗଦାଧର ଦେଇଥିବା ଚିଠିଟି ନକଲି। ଫଳରେ ବାଳକୃଷ୍ଣ ଗଦାଧରଙ୍କୁ ଦେଇଥିବା ଟଙ୍କା ମାଗିଥିଲେ । ଅଭିଯୁକ୍ତ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଛଅ ମାସ ମଧ୍ୟରେ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରିବେ ବୋଲି କିନ୍ତୁ ଛଅ ମାସ ସମାପ୍ତ ହେବା ପରେ ମଧ୍ୟ ଅଭିଯୁକ୍ତ ଟଙ୍କା ଫେରସ୍ତ କରିନଥିଲେ। ଫଳରେ ୦୫.୦୪.୨୦୨୬ ବାଳକୃଷ୍ଣ ଗଦାଧରଙ୍କ ଗ୍ରାମ ଧୂଷୁରୀ ଥାନା ଅନ୍ତର୍ଗତ ଓଲଟପୁରକୁ ଯାଇ ତାଙ୍କ ଟଙ୍କା ଫେରସ୍ତ ମାଗିଥିଲେ। ଅଭିଯୁକ୍ତ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଗୋଟିଏ ମାସ ମଧ୍ୟରେ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରିବେ ବୋଲି । ଏହି ପ୍ରତିଶ୍ରୁତି ସତ୍ତ୍ୱେ ଅଭିଯୁକ୍ତ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଟଙ୍କା ଫେରସ୍ତ ନ କରିବା ଯୋଗୁଁ ୧୦.୦୫.୨୦୨୬ ରେ ବାଳକୃଷ୍ଣ ପୁନର୍ବାର ଗଦାଧରଙ୍କ ଗ୍ରାମକୁ ଯାଇ ଟଙ୍କା ଫେରସ୍ତ କରିବାକୁ ଦାବି କରିଥିଲେ। ଗଦାଧର ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ ଏବଂ ଖଣ୍ଡା ଧରି ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଗୋଡ଼ାଇଥିଲେ। ଉପସ୍ଥିତ କିଛି ସ୍ଥାନୀୟ ଲୋକ ଉଦ୍ଧାର କରିଥିଲେ। ଏହା ପରେ, ବାଳକୃଷ୍ଣ ସେ ଧୂଷୁରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ, ଧୂଷୁରୀ ଥାନାରେ ଅଭିଯୁକ୍ତ ୧୨.୦୫.୨୦୨୬ରେ ୩ ଲକ୍ଷ ଏବଂ ଚାରି ମାସ ମଧ୍ୟରେ ବାକି ଟଙ୍କା ପରିଶୋଧ ଫେରସ୍ତ କରିବା ପାଇଁ ସମାଧାନ ହୋଇଥିଲା। କିଛିଦିନ ପରେ ଅଭିଯୁକ୍ତ ଗଦାଧର ସ୍ଥାନୀୟ ଅଞ୍ଚଳରୁ ଫେରାର୍ ହୋଇଯାଇଥିଲା। ଏହି ଘଟଣା ସମ୍ପର୍କରେ ଗତ ୧୬.୦୫.୨୦୨୬ରେ ଆସିକା ଥାନାରେ ବାଳକୃଷ୍ଣ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଆସିକା ପୋଲିସ ୨୩୫/୨୬ରେ ମାମଲା ରୁଜୁକରି ଗତକାଲି ଅଭିଯୁକ୍ତକୁ ଗିରଫ କରି ଧାରା ୩୩୬(୩)/୩୧୮(୪)/୧୧୫(୨)/୨୯୬/୩୫୧(୨)/୩(୫) ବିଏନଏସରେ କୋର୍ଟ ଚାଲାଣ କରିଥିବା ଏକ ପ୍ରେସ ବିବୃତିରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି।

## ସଫେଇ କର୍ମୀଙ୍କୁ 'ବଳାତ୍କାର ଉଦ୍ୟମ' ଅଭିଯୋଗରେ କନଷ୍ଟେବଲ ଗିରଫ

କଟକ(ନିପ୍ର): କଟକ ଗ୍ରାମାଞ୍ଚଳ ପୋଲିସର ରିଜର୍ଭ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟ ନିକଟରେ ଜଣେ ମହିଳା ସଫେଇ କର୍ମୀଙ୍କୁ ବଳାତ୍କାର ଏବଂ ଅସଦାଚରଣ କରିବା ଅଭିଯୋଗରେ କମିଶନରେଟ୍ ପୋଲିସ ଦ୍ୱାରା ଜଣେ ଓଡ଼ିଶା ପୋଲିସ କନଷ୍ଟେବଲଙ୍କୁ ଗିରଫ କରାଯାଇଛି। ଗିରଫ କନେଷ୍ଟବଳ ବଡମ୍ବା ଅଂଚଳର ପରେଶ ସାମଲ (୪୬) । ଅଭିଯୋଗ ଅନୁଯାୟୀ, ମହିଳା ଜଣକ ଆଉଟସୋର୍ସିଙ୍ଗ ମାଧ୍ୟମରେ ବକ୍ସିବଜ଼ାର ପୋଲିସ ଲାଇନ ଅଞ୍ଚଳରେ ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ସମୟରେ ଅଭିଯୁକ୍ତ କନଷ୍ଟେବଳ ତାଙ୍କ ପାଖକୁ ଆସି ତାଙ୍କୁ ଯୌନ ନିର୍ଯାତନା ଦେବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ମହିଳା ଜଣକ କଥିତ ଆକ୍ରମଣକୁ ପ୍ରତିରୋଧ କରିଥିଲେ ଏବଂ ଏ ନେଇ ନିକଟରେ ଉପସ୍ଥିତ ଥିବା ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗକାରୀ ଆହୁରି ଅଭିଯୋଗ କରିଛନ୍ତି ଯେ ଯେତେବେଳେ ସେ ପ୍ରତିବାଦ କରିଥିଲେ ଏବଂ ସାହାଯ୍ୟ ପାଇଁ ଚିତ୍କାର କରିଥିଲେ, ସେତେବେଳେ କନଷ୍ଟେବଳ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ଅନେକ ସଫେଇ କର୍ମଚାରୀ ଘଟଣାସ୍ଥଳକୁ ଦୌଡ଼ି ଆସି ହସ୍ତକ୍ଷେପ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ କର୍ମଚାରୀମାନେ ଅଭିଯୁକ୍ତଙ୍କୁ କାବୁ କରି ମାଡ଼ ମାରିଥିବା ଜଣାପଡ଼ିଛି ।ଘଟଣା ବିଷୟରେ ସୂଚନା ପାଇ କ୍ୟାଣ୍ଟନମେଣ୍ଟ ପୋଲିସ ଷ୍ଟେସନର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ କନଷ୍ଟେବଲଙ୍କୁ ହେପାଜତକୁ ନେଇଥିଲା। ମହିଳା ଜଣକ ପରେ ବଳାତ୍କାର ଉଦ୍ୟମ, ଅସଦାଚରଣ ଏବଂ ଆକ୍ରମଣ ଅଭିଯୋଗରେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ, ପୋଲିସ ଏକ ମାମଲା ରୁଜୁ କରି କନଷ୍ଟେବଲଙ୍କୁ ଗିରଫ କରିଛି। ତଦନ୍ତର ଅଂଶ ସ୍ୱରୂପ ଅଭିଯୁକ୍ତକୁ ପଚରାଉଚରା କରାଯାଉଛି ।ପୋଲିସ ଅଧିକାରୀମାନେ କହିଛନ୍ତି ଯେ ଘଟଣାର ସମସ୍ତ ପରିସ୍ଥିତି ଜାଣିବା ପାଇଁ ଅଧିକ ତଦନ୍ତ ଚାଲିଛି। ଗ୍ରାମାଞ୍ଚଳ ଏସପିଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ କନେଷ୍ଟବଳଙ୍କୁ ନିଲମ୍ବନ କରାଯାଇଛି ।

# ଭୁବନେଶ୍ୱରରେ ଦୁଇ ଟ୍ରେନ ମୁହାଁମୁହିଁ

## ଅବହେଳା ହୋଇଛି, ଆକ୍ସନ ନିଆଯିବ କହିଲେ ସିପିଆରଓ



**ଭୁବନେଶ୍ୱର, ୧୧/୬(ନିପ୍ର):** ଅଳ୍ପକେ ବର୍ତ୍ତିଯାଇଛି ଏକ ଟ୍ରେନ ଦୁର୍ଘଟଣା । ଭୁବନେଶ୍ୱର ରେଳ ଷ୍ଟେସନ ନିକଟ ଝାରପଡ଼ା ବ୍ରିଜ୍ ଅଞ୍ଚଳରେ ଗୋଟିଏ ଟ୍ରାକରେ ଦୁଇଟି ଟ୍ରେନ୍ ହଠାତ୍ ମୁହାଁମୁହିଁ ହୋଇଯିବାରୁ ଏକ ବଡ ରେଳ ଦୁର୍ଘଟଣା ଅଳ୍ପକେ ଟଳିଯାଇଛି । ଦୁଇ ଟ୍ରେନରେ କୌଣସି ଯାତ୍ରୀ ନଥିଲେ । ଘଟଣାରେ କାହାର ପ୍ରାଣହାନୀ ହୋଇନଥିବା ବେଳେ କେହି ମଧ୍ୟ ଆଘାତ ହୋଇନାହାନ୍ତି, ତଥାପି ରେଳ ବିଭାଗର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି । ଏପଟେ ରେଳବାର ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ଟ୍ରେନ୍ ସେବାରେ ବ୍ୟାଘାତ ହୋଇନାହିଁ ଏବଂ ମେନ୍ ଲାଇନ୍ ଓ ଯାତ୍ରୀ ସେବା ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି ବୋଲି ରେଳବାଇ ସୂଚନା ଦେଇଛି । ଭୁବନେଶ୍ୱର ଝାରପଡ଼ା ନିକଟରେ ୨ ଟ୍ରେନ୍ ମୁହାଁମୁହିଁ ଘଟଣାକୁ ଖଣ୍ଡନ କଲେ ପୂର୍ବତଟ ରେଳୱେର ମୁଖ୍ୟ ଜନସଂପର୍କ ଅଧିକାରୀ ଦୀପକ ରାଉତ । ସଣ୍ଟିଂ ଚାଲୁଥିବା ବେଳେ ଅଘଟଣ ଘଟିଛି । ୨ଟି ଟ୍ରେନ୍ ଭିତରେ ଯାହା ଦୂରତା ରହିବା କଥା ତାହା ରହିନଥିଲା । ଏହା ଏକ ବଡ ଦୁର୍ଘଟଣା ନୁହେଁ । ଖାଲି ବଗି ଥିଲା । ସେ ପୁଣି କହିଛନ୍ତି, ଗୋଟେ ଟ୍ରେନ୍ ମଞ୍ଚେଶ୍ୱରରୁ ଭୁବନେଶ୍ୱର କୋଚିଂ ଡିପୋକୁ ଯାଉଥିଲା । ଆଉ ଗୋଟେ କୋଣାର୍କ ଏକ୍ସପ୍ରେସ ଖାଲି ବଗି କୋଚିଂ ଡିପୋରୁ ଭୁବନେଶ୍ୱର ନ୍ୟୁ ରେଲୱେ ଷ୍ଟେସନ ଯାଉଥିଲା । ଗୋଟିଏ ଟ୍ରାକରେ ସଣ୍ଟିଂ ହେଉଥିଲା । ସଣ୍ଟିଂ ୨ଟି ଟ୍ରେନ୍ ନିକଟତର ହେଉଥିଲା । ଏହି ଘଟଣାରେ କାହାର ଅବହେଳା ରହିଛି, ତାର ତଦନ୍ତ ହେବ । ଏହି ସମୟରେ ଲୋକୋ ପାଇଲଟ (ସଲଟର)ର ମିସ୍ ଜଜମେଣ୍ଟ ଯୋଗୁଁ ମୁହାଁମୁହିଁ ହୋଇଛି । ପ୍ରାଥମିକ ତଦନ୍ତ ଚାଲିଛି । ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ, ବୋଲି କହିଛନ୍ତି ପୂର୍ବତଟ ରେଳ ବାଇ ସିପିଆରଓ ଦୀପକ ରାଉତ ।

# ୨୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ପ୍ରକଳ୍ପର ଶିଳାନ୍ୟାସ

ଭଦ୍ରକ, ୧୧/୬(ନିପ୍ର): ଭଦ୍ରକ ସହରର ପ୍ରମୁଖ କ୍ରୀଡ଼ା କେନ୍ଦ୍ର ନେହେରୁ ଷ୍ଟାଡିୟମ୍‌ର ବହୁ ପ୍ରତୀକ୍ଷିତ ଉନ୍ନତିକରଣ ଓ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଗୁରୁବାର ଆଡ଼ମ୍ବରପୂର୍ଣ୍ଣ ଓ ଉତ୍ସାହପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ୨୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଷ୍ଟାଡିୟମ୍‌ର ସମଗ୍ର ଉନ୍ନତିକରଣ କରାଯିବାକୁ ଥିବାବେଳେ ଏହାକୁ ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଇଛିଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହି ଅବସରରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ଓ ଏଚଏସସିଏଲ୍‌ର ବରିଷ୍ଠ ଯନ୍ତ୍ରୀ ଯତୀନ୍ଦ୍ର ବେହେରାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ । ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଆଧୁନିକ ଖେଳ ସୁବିଧା, ଉନ୍ନତ ଭିତ୍ତିଭୂମି ଓ ଖେଳାଳିମାନଙ୍କ ପାଇଁ ସମସ୍ତ ଆବଶ୍ୟକୀୟ ସୁବିଧା ସହ ନେହେରୁ ଷ୍ଟାଡିୟମ୍‌କୁ ଏକ ଆଦର୍ଶ କ୍ରୀଡ଼ା କେନ୍ଦ୍ରରେ ପରିଣତ କରାଯିବ । ରାଜ୍ୟ ସରକାର କ୍ରୀଡ଼ା କ୍ଷେତ୍ରର ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଉଥିବା ବେଳେ ଭଦ୍ରକ ସମେତ ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ୍‌ରେ କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ । ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ ଜିଲ୍ଲାର କ୍ରୀଡ଼ା କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଓ ସମନ୍ୱୟର ଆହ୍ୱାନ ଜଣାଇଥିଲେ । ଭଦ୍ରକ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ଏହି ପ୍ରକଳ୍ପକୁ ଭଦ୍ରକର କ୍ରୀଡ଼ା ଇତିହାସରେ ଏକ ମାଇଲଖୁଣ୍ଟ ବୋଲି ଅଭିହିତ କରିଥିଲେ । ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଜିଲ୍ଲାର ଯୁବ ଖେଳାଳିମାନେ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଯୋଗିତା ସୁବିଧା ପାଇବା ସହ ଭଦ୍ରକ ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ପରିଚିତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।



## ଦେବାଶିଷ ସାମନ୍ତରାୟ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ



ଭୁବନେଶ୍ୱର, ୧୧/୬(ନିପ୍ର): ଦେବାଶିଷ ସାମନ୍ତରାୟ ବିଜେପି ପ୍ରାର୍ଥୀ ଭାବେ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏକମାତ୍ର ପ୍ରାର୍ଥୀ ହୋଇଥିବାରୁ ଉପନିର୍ବାଚନ ଭୋଟିଂ ଦରକାର ପଡ଼ିଲାନି । ବିଜେଡିରୁ ଇସ୍ତଫା ଦେବା ପରେ ଆସନ୍ତା ୧୮ ତାରିଖରେ ଉପନିର୍ବାଚନ ହେବାକୁ ଥିଲା । ତେବେ ବିଜେପି ବ୍ୟତୀତ ଅନ୍ୟ କୌଣସି ଦଳ ପ୍ରାର୍ଥୀ ଦେଇ ନଥିଲେ ।ଅନ୍ୟପକ୍ଷରେ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ପରେ ଦେବାଶିଷ ସାମନ୍ତରାୟ ପ୍ରତିକ୍ରିୟାରେ କହିଛନ୍ତି ବିଜେପି ଯେଭଳି ସ୍ୱାଗତ କରିଛି, ମୁଁ ସେହିଭଳି ନିଷ୍ଠାରେ କାମ କରିବି । ସଂଗଠନକୁ ସୁଦୃଢ଼ କରିବା ଲାଗି ଦଳ ଯାହା ନିର୍ଦ୍ଦେଶ ଦେବ କରିବି । ଶାସକ ଦଳରେ ରହି ଆଶା କରୁଛି ଓଡିଶା ପାଇଁ ଅନେକ କାମ କରିବି । ରାଜ୍ୟସଭାକୁ ନିର୍ବାଚିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ମୋଦି, ରାଷ୍ଟ୍ରୀୟ ଅଧକ୍ଷ ନିତିନ ନବୀନ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଜଣାଇଛନ୍ତି ଦେବାଶିଷ ।

## ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ରିପୋର୍ଟ ଫେରିନି: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୧/୬(ନିପ୍ର): ସିଏମଓରୁ ଫାଇଲ୍ ଗାଏବ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ଫେରିନଥିବା ଅଭିଯୋଗ କରିଛନ୍ତି ରାଜସ୍ୱ ମନ୍ତ୍ରୀ । ସେ କହିଛନ୍ତି ନାଇଡୁ କମିଶନ ରିପୋର୍ଟ ଓ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ରିପୋର୍ଟର ଗୃହ ବିଭାଗରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଯାଇଥିଲା । ତତ୍ କାଳୀନ ମୁଖ୍ୟ ସଚିବଙ୍କ ଜରିଆରେ ରିପୋର୍ଟ ଯିବାର ପ୍ରମାଣ ରହିଛି । ମାତ୍ର ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଆଉ ଫେରି ନାହିଁ । ଯଦି ତତ୍କାଳୀନଙ୍କ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଫେରିଥାନ୍ତା ପ୍ରମାଣ ରହିଥାନ୍ତା । ରାଜ୍ୟ ସରକାରଙ୍କ ହୃଦବୋଧ ହେଲା ଫାଇଲ୍ ଫେରିବା ସମ୍ଭାବନା କମ୍ । ଏହା ଭୁଲବଶତଃ ନୁହେଁ, ଉଦ୍ଦେଶ୍ୟମୂଳକ ଭାବେ ଏପଟସେପଟ ହୋଇଛି । ତେଣୁ ଗୃହ ବିଭାଗର ଜଣେ ଅଧିକାରୀ କ୍ୟାପିଟାଲ ଥାନାରେ ଏତଲା କରିଛନ୍ତି । ତଦନ୍ତ ଆରମ୍ଭ ହେଲେ ଫାଇଲ୍ ମିଳିବ ଏବଂ ରାଜ୍ୟ ସରକାର ସାର୍ବଜନୀନ କରିବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ।

## ବିଜେଡି ସରକାର ସମୟରେ ଫାଇଲ ହଜିନି: ମୁନା ଖାଁ

ଭୁବନେଶ୍ୱର, ୧୧/୬(ନିପ୍ର): ସିଏମଓରୁଫାଇଲ ହଜିବା ଘଟଣାରେ ବିଜେଡିର ପୂର୍ବତନ ସାଂସଦ ମୁନା ଖାଁ ପ୍ରତିକ୍ରିୟା ରଖିଛନ୍ତି । ସେକହିଛନ୍ତି ଯେ, ବିଜେଡି ସରକାର ସମୟରେ ଫାଇଲ ହଜିନି । କିଏ ଜାଣିଛି ଫାଇଲ କେବେ ହଜିଛି । ଯଦିଫାଇଲ ହଜିଛି ଏତେ ଦିନ ଧରି ସରକାର ଜାଣି ପାରିନଥିଲେ କି ? ଯଦି ଜାଣିଥିଲେ କାହିଁକି ଚୁପ ବସିଥିଲେ । ଦୁଇ ବର୍ଷ ହେଲାଣି ସେମାନେସତ୍ତାରେ ଅଛନ୍ତି ତେବେ କାହିଁକି ଚୁପ ବସିଥିଲେ । ଏହା ପଛରେ କିଛି ଷଡ଼ଯନ୍ତ୍ର ଥାଇ ପାରେ କିଛିରାଜନୀତିକ ଉଦ୍ଦେଶ୍ୟ ଥାଇପାରେ । ସରକାର ଅଛନ୍ତି ସେମାନେ ଯାହା ବି କରି ପାରିବେ । ଏବେ ଫାଇଲହଜାଇବା ଉଠାଉଛନ୍ତି ଆଉ କିଛି ଦିନ ଗଲେ ଅନ୍ୟ କୌଣସି ବିଷୟକୁ ନେଇ ଚାଲି ଆସିବେ ବୋଲିକହିଛନ୍ତି ମୁନା ଖାଁ ।

## ରଥ ଆସିଲେ ପ୍ରଶାସନର ଉଚ୍ଛେଦ କରିବାକୁ ମନେପଡ଼େ

ପୁରୀ, ୧୧/୬(ନିପ୍ର): ରଥଯାତ୍ରା ଆସିଲେ ଜିଲ୍ଲା ପ୍ରଶାସନ ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବା ମନେ ପଡେ, ପୁରୀ ସହରର ବିଭିନ୍ନ ରାସ୍ତାର ନଳା ଉପରେ ଦୀର୍ଘଦିନ ଧରି ବ୍ୟବସାୟ କରିଆସୁଥିବା ଯୋଗୁଁ ଉକ୍ତ ଉକ୍ତ ନାଳ ନର୍ଦ୍ଦମା ସଫା ହେଉନାହିଁ । ଯଦ୍ୱାରା ଉକ୍ତ ଅଂଚଳର ପରିବେଶ ଦୂଷିତ ହେବାଯୋଗୁଁ ଲୋକମାନେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି । ହରିହର ଛକଠାରୁ ମୋଚିସାହି ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ନାଳ ଉପରେ ଥିବା ଦୋକାନ ଗୁଡିକୁ ଉଚ୍ଛେଦ କାହା ଚାପରେ କରାଯାଉନଥିବା ତାହାହିଁ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଠିକ ସେହିପରି ବଡ଼ଶଙ୍ଖ, ମାଛ ମାର୍କେଟ, ଚର୍ଚ୍ଚ ଗଳିରେ ବିଳମ୍ବିତ ଦିନ ପର୍ଯ୍ୟନ୍ତ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦାହୋଇ ପୂତି ଗନ୍ଧ ସୃଷ୍ଟି କରୁଥିଲେ ମଧ ଜିଲ୍ଲା ପ୍ରଶାସନ ତଥା ପୁରୀ ପୌର ନିଗମ କର୍ତ୍ତୃପକ୍ଷଙ୍କ ବିଡମ୍ବନା ହେଉଥିବା ଅଭିଯୋଗ ହେଉଛି । ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

### ଜମିବାଡ଼ି ବିବାଦରୁ ରକ୍ତାକ୍ତ ସଂଘର୍ଷ

## ଥାନାରେ ୨ ମାମଲା ରୁଜୁ

**ଭାପୁର,୧୧/୬(ନିପ୍ର):** ଫତେଗଡ଼ ଥାନା ଅଞ୍ଚଳରେ ଜମି ଭାଗବଣ୍ଟା ଓ ଧାନ ବୁଣାକୁ କେନ୍ଦ୍ର କରି ସୋମବାର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ରକ୍ତାତ ସଂଘର୍ଷ ଘଟି ୭ ଜଣ ଗୁରୁତର ରୂପେ ଆହତ ହୋଇଛନ୍ତି । ଘଟଣାରୁ ପ୍ରକାଶ, ଫତେଗଡ଼ ଥାନା ଅନ୍ତର୍ଗତ ଯଶବନ୍ତପୁର ଗ୍ରାମର ବାଟି ବିଶ୍ୱାଳଙ୍କ ପତ୍ନୀ ସଂଜୁ ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ,ସ୍ୱାମୀ ତାଙ୍କ ବଡ଼ ଭାଇ ବିଜିପୁର ଗ୍ରାମର ଭାଗିରଥି ଜେନାଙ୍କ ଜମିରେ ଧାନ ବୁଣୁଥିବା ବେଳେ ପୂର୍ବରୁ ପ୍ରସ୍ତୁତ ରହିଥିବା ଦଣ୍ଡୁ ବିଶ୍ୱାଳ, ସବିତା ବିଶ୍ୱାଳ,ଚନ୍ଦନ ବିଶ୍ୱାଳ, ବିଶୁନି ବରାଡ଼, ଖଡ଼ିକା ବରାଡ଼ଙ୍କ ସମେତ ପାଥପୁର, କଇଁଥପୋଖରୀ,ଗଡ଼ଖୋଲ ଗ୍ରାମର କେତେକ ବ୍ୟକ୍ତି ତାଙ୍କ ସ୍ୱାମୀ ବାଟି ଏବଂ ଭାଇ ଭାଗିରଥିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଯାହାକୁନେଇ ଥାନାରେ ୧୯୭/୨୬ରେ ମାମଲା ରୁଜୁ ହୋଇଛି ।ପ୍ରତିପକ୍ଷ ବସନ୍ତ ବିଶ୍ୱାଳଙ୍କ ପତ୍ନୀ ସବିତା ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ ବାଟି ବିଶ୍ୱାଳ ତାଙ୍କ ଜମିରେ ଧାନ ବୁଣିଲାବେଳେ ପ୍ରତିପକ୍ଷ ବିରୋଧ କରିଥିଲେ । ଏହି ଘଟଣାରେ ବାଟି ରାଗିଯାଇ ବସନ୍ତ, ସବିତା, ଚନ୍ଦନ ଙ୍କୁ ମାଡ଼ ମାରିଥିଲେ । ଯାହାକୁ ନେଇ ଥାନାରେ ୧୯୮/୨୬ ରେ ମାମଲା ରୁଜୁ ହୋଇ ଉଭୟ ପକ୍ଷରୁ ୩ ଜଣ ଗିରଫ ହୋଇ କୋର୍ଟ ଫରୱାର୍ଡ ହୋଇଥିବା ଥାନା ସୂତ୍ରରୁ ପ୍ରକାଶ ।

# ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ

କନ୍ଧମାଳ, ୧୧/୬(ନିପ୍ର): କନ୍ଧମାଳ ଜିଲ୍ଲା ପୋଲିସ୍ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ସମେତ ଅନେକ ମାଓ ସାମଗ୍ରୀ ଜବତ କରିଛି । ଗୁରୁବାର ଫୁଲବାଣୀ ରିଜର୍ଭ ପୋଲିସର କମ୍ୟୁନିଟି ହଲ ରେ ଏହି ସୂଚନା କନ୍ଧମାଳ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦ ଗଣମାଧ୍ୟମକୁ ଦେଇଛନ୍ତି । ସୂଚନା ଅନୁଯାୟୀ, ଗତ ୨୦୨୫ ଜାନୁଆରି ଠାରୁ ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ମଧ୍ୟରେ କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କ ଦ୍ୱାରା ଧାର୍ଯ୍ୟ, ଟାର୍ଗେଟ୍ ଅନୁଯାୟୀ କନ୍ଧମାଳ ଜିଲ୍ଲା ସମ୍ପୂର୍ଣ୍ଣ ଭାବରେ ମାଓମୁକ୍ତ ହୋଇଥିଲା । ଗତ ୨୦୨୫ ମସିହା ଡିସେମ୍ବର ମାସ ୨୫ ତାରିଖରେ ମାଓ ସଂଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଷ ଓ୍ୱିକେ ଓ ଅନ୍ୟ କ୍ୟାଡରର ନେତା ଜବାନଙ୍କ ଗୁଳିରେ ନିହତ ହେବା ପରେ ରାଜ୍ୟ କମିଟିର ମାଓ ନେତା ଶୁକ୍ରୁ ଓ ନୀତୁ ସମେତ ୨୪ ଜଣ ମାଓବାଦୀ ସେମାନଙ୍କ ଅସ୍ତ୍ରଶସ୍ତ୍ର ସମେତ ପୋଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲେ । ସେମାନଙ୍କୁ ପଚରାଉଚରା ପରେ ପୋଲିସକୁ ମିଳିଥିବା ସୂଚନା ଅନୁସାରେ ଗତ ବୁଧବାର କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ଗଙ୍ଗାପଦର, କୋଡମାହା, ପାଜିମାହା, ଟେଙ୍ଗେରୀ ଓ ବାଲିମାହା ଆଦି ଅଂଚଳର ଜଙ୍ଗଲରେ, ମାଓବାଦୀ ମାନେ ଲୁଚାଇ ରଖିଥିବା ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ସମେତ ଅନେକ ମାଓ ବ୍ୟବହୃତ ସାମଗ୍ରୀ ଜବତ କରିଛନ୍ତି । ଏହି ସର୍ଚ୍ଚ ଅପରେଶନରେ ବୋମା ନିଷ୍କ୍ରିୟକାରୀ ଦଳ ସମେତ ଅନ୍ୟାନ୍ୟ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବା ପରେ ଏହି ସର୍ଚ୍ଚ ଅପରେଶନ ଜାରି ହୋଇଥିଲା । ଏଥିରେ ୯ ଟି ଏସ୍ ଓ ଜି ଏବଂ ଗୋଟିଏ ଡିଭିଏଫ ଟିମ୍ ସାମିଲ ହୋଇଥିଲେ । ଏହି ଅପରେସନରେ ଜବାନ୍ ମାନେ ଗୋଟିଏ ଏସ୍ ଏଲ୍ ଆର ବନ୍ଧୁକ,ଏସ୍ ବି ଜି ଏଲ୍ ୨ଟି, ଗୋଟିଏ ଦେଶୀ ବନ୍ଧୁକ,୩୦ ଟି ଡିଟୋନେଟର ୧୦ ଟି ଏସବିଜିଏଲ୍ ଗ୍ରେନେଡ, ଗୋଟିଏ ଏସ୍ ଏଲ୍ ଆର୍ ମାଗାଜିନ୍, ୧୬ ଟି ଜୀବନ୍ତ ଗୁଳି ସମେତ ସୋଲାର ପେନେଲ୍ ଏବଂ ବିପୁଳା ପରିମାଣର ମାଓ ସାମଗ୍ରୀ ଜବତ କରିଛନ୍ତି । ମାଓବାଦୀ ମାନେ ଏହି ସବୁ ସାମଗ୍ରୀ ଲୁଚାଇ ରଖିଥିବା ବେଳେ ଆଗକୁ ଏହି ଅସ୍ତ୍ରଶସ୍ତ୍ର ଗୁଡ଼ିକ ବ୍ୟବହୃତ ନହେଉ ସେଥିପାଇଁ ପୋଲିସ୍ ପକ୍ଷରୁ ଏହି ସର୍ଚ୍ଚ ଅପରେଶନ ଜାରି ରହିଛି ।

## ସିଏମଓରୁ ଫାଇଲ ହଜିବା ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠିତ

ଭୁବନେଶ୍ୱର, ୧୧/୬(ନିପ୍ର): କମିଶନ ରିପୋର୍ଟ ମିସିଂକୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି ବୋଲି କହିଛନ୍ତି ପୋଲିସ୍ କମିଶନର ସୁରେଶ ଦେବଦତ ସିଂହ । ସିଏମଓରୁ ଫାଇଲ ହଜିଯିବା ମାମଲାରେ ପ୍ରତିକ୍ରିୟା ରଖି ସିପି କହିଛନ୍ତି ଜଣେ ଏସିପି ଓ ଦୁଇ ଆଇଆଇସିଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି । ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ସବୁ ଦିଗରୁ ତଦନ୍ତ ହେବ । କେଉଁ ସମୟରେ ମିସିଂ ହୋଇଛି, କିଏ ସମ୍ପୃକ୍ତ ଖୋଜି ବାହାର କରାଯିବ । ଅପରାଧିକ ଷଡ଼ଯନ୍ତ୍ର ଧାରାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି ।

## ବୃଦ୍ଧ ବ୍ୟକ୍ତିଙ୍କୁ ହତ୍ୟା ଧମକ

ପିପିଲି, ୧୧/୬(ନିପ୍ର): ବିବାଦୀୟ ଜାଗାରେ ଗୃହ ନିର୍ମାଣକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ଉଛୁପୁର ଗ୍ରାମରେ ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଉଛୁପୁର ଗ୍ରାମର ଅହମଦ ଅଲ୍ଲୀ ଖାଁ (୭୦) ଅଭିଯୋଗ ଅନୁଯାୟୀ ଗ୍ରାମରେ ଅହମଦଙ୍କ ଖାତା ୨୧୦/୪୫୪/୧୦୯ ପ୍ଲଟ ୯୭୦ରେ ଥିବା ୪୩ ଡିସିମିଲି ଜାଗା ଉପରେ ବିବାଦୀୟ ଥାଇ କୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ଉକ୍ତ ଜାଗା ଉପରେ କୋର୍ଟ ପକ୍ଷରୁ ସ୍ଥିତାବସ୍ଥା ଜାରି ରହିଛି । ଏହି ଜାଗା ଉପରେ ସେହି ଗ୍ରାମର ଉହାବ ଖାଁ ଓ ଇମରାନ ଖାଁ ପତ୍ନୀ କୁନି ବିବି ମାନେ ଜୋର୍ ଜବରଦସ୍ତି ଗୃହ ନିର୍ମାଣ କରୁଛନ୍ତି । ଫଳରେ ଅହମଦ ପ୍ରତିବାଦ କରିବାରୁ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ନେଇ ଅହମଦ ଅଭିଯୋଗରେ ଦର୍ଶାଇଛନ୍ତି ।

**AFFIDAVIT**

By virtue of an affidavit sworn before The Executive Magistrate, Banpur affidavit no.1727 dtd.15.05.2026, I Mamita Narendra Singh Burma W/o-Bhanu Pratap Narendrasingh Burma, At-College Road, Banpur NAC, Ward No.1, Po/Ps-Banpur Dist-Khordha Odisha-752031 do hereby declare that I have changed my name from Mamita Baliarsingh to Mamita Narendra Singh Burma. Henceforth I shall be known as Mamita Narendra Singh Burma for all purposes.

**Sd/-Mamita Narendra Singh Burma**

**AFFIDAVIT**

By virtue of an affidavit sworn before The Executive Magistrate, Banpur affidavit no.942 dtd.23.03.2026, I Nandini Nayak D/o-Naresh Kumar Nayak At-Moramori Po-Salapadihi, Ps-Nachuni, Dist-Khordha, Odisha-752034 do hereby declare that I have changed my name from Nandini to Nandini Nayak. Henceforth I shall be known as Nandini Nayak for all purposes.

**Sd/-Nandini Nayak**

# ଏସ୍‌ଡବ୍ଲ୍ୟୁ ଏକ୍ସପୋ ୨୦୨୬ ମହୋତ୍ସବ ଉଦ୍‌ଯାପିତ



**କଟକ, ୧୧/୬(ନିପ୍ର):** ଓଡ଼ିଶା ଚାମ୍ବର ଅଫ୍ କମର୍ସ, ଇଣ୍ଡଷ୍ଟ୍ରିଜ୍ ଆଣ୍ଡ ଏଣ୍ଟରପ୍ରେନର୍ସ ଓ ଲଘୁ ଉଦ୍ୟୋଗ ଭାରତୀଙ୍କ ମିଳିତ ଉଦ୍ୟମରେ କଟକ ସହରରେ ଆରମ୍ଭ ହୋଇଥିବା ସୁପ୍ରିମ୍ ଓ୍ୱଣ୍ଡରସ୍ ଏକ୍ସପୋ-୨୦୨୬ । ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଏହି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ତେବେ 'ଲଭ୍ କାର୍ଣ୍ଣିକାଲ୍' ଥିମରେ ଆୟୋଜିତ ଏହି ଏକ୍ସପୋରେ ବହୁ ମହିଳା ଓ ଯୁବ ଉଦ୍ୟୋଗୀ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ ଏହି ନୂଆ ଉଦ୍ୟୋଗୀମାନେ ହିଁ ଭବିଷ୍ୟତରେ ନୂଆ ଓଡ଼ିଶା ଗଠନ ସହିତ ଏହାର ଆର୍ଥିକ ବ୍ୟବସ୍ଥାକୁ ଅଧିକ ମଜବୁତ୍ କରିବେ ବୋଲି ଅତିଥି ମାନେ ଆଶା ପୋଷଣ କରିଥିଲେ । ଏହି ମହୋତ୍ସବରେ ଅତିଥିମାନଙ୍କ ମଧ୍ୟରେ ଏନ୍ ଟିପିସିର ଡାଇରେକ୍ଟର କୁଳମଣି ବିଶ୍ୱାଳ, ବିଜେପିର ବରିଷ୍ଠ ନେତା ମହେଶ ମହାନ୍ତି, ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ବାରବାଟି କଟକର ବିଧାୟିକା ସୋଫିଆ ଫିର୍ଦୋସ,କଟକ ମେୟର ସୁବାଷ ସିଂ, ସମେତ ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ । ସେପଟେ ଓଡ଼ିଶା ଚାମ୍ବର ଅଫ୍ କମର୍ସର ସମ୍ପାଦକ ଅବିନାଶ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଏକ୍ସପୋରେ ୮୦ରୁ ଅଧିକ ଷ୍ଟଲ୍ ଖୋଲିଥିଲା । କଟକ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରୁ ଉଦ୍ୟୋଗୀମାନେ ଗୋଟିଏ ଛାତ ତଳେ ଅନେକ ନୂଆ ସାମଗ୍ରୀ ପ୍ରଦର୍ଶନ କରିଥିଲେ । ରଜ ପୂର୍ବରୁ ଏହି ଏକ୍ସପୋରୁ ଅନେକ ନୂଆ ଓ ସୋସିଆଲ୍ ମିଡିଆରେ ଟ୍ରେଣ୍ଡ ସାଜୁଥିବା ଘରକରଣା ଓ ଜିନିଷପତ୍ର ସାମଗ୍ରୀକୁ ଲୋକମାନେ କିଣି ପାରିଛନ୍ତି । ଏମିତିକି ଏହି ମହୋତ୍ସବରେ ମେହେନ୍ଦୀ ଲଗାଇବାଠାରୁ ନେଇ ଓଡ଼ିଆ ପାରମ୍ପରିକ ପିଠାପଣାର ଆନନ୍ଦ ମଧ ଉଠାଇଛନ୍ତି । ଶେଷ ଦିନରେ ଲୋକମାନଙ୍କ ଭିତରେ ମଧ ଅତିଥିମାନେ ବୁଲି ପ୍ରତ୍ୟେକ ଷ୍ଟଲ୍ ପରିଦର୍ଶନ କରିଥିଲେ । ଏଥିରେ ନୂଆ କରି ଷ୍ଟାର୍ଟଅପ୍ ଆରମ୍ଭ କରିଥିବା ଯୁବ ଉଦ୍ୟୋଗୀଙ୍କୁ ପ୍ରଶଂସା କରିଥିଲେ । ଏହି ମହୋତ୍ସବ ରେ ବିଶେଷ ଆକର୍ଷଣ ଗୋବରରୁ ତିଆରି ଚପଲ, ପର୍ସ ସମସ୍ତ ଙ୍କୁ ଆକର୍ଷିତ କରିଥିଲା ।

# ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରୁଛି ଓଡ଼ିଶା ପର୍ଯ୍ୟଟନ



**ପୁରୀ/ଭୁବନେଶ୍ୱର, ୧୧/୬(ନିପ୍ର):** ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରୁଛି ଓଡ଼ିଶା ପର୍ଯ୍ୟଟନ । ଓଡ଼ିଶାକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି । ବିଶ୍ୱରେ ବିଭିନ୍ନ ଅସ୍ଥିରତା ଲାଗିରହିଥିବା ବେଳେ ଓଡ଼ିଶାକୁ ସାରା ବିଶ୍ୱରୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି । ୨୦୨୬ ପ୍ରଥମାର୍ଦ୍ଧରେ ଅର୍ଥାତ୍ ଗତ ୫ ମାସ ଭିତରେ ଓଡ଼ିଶାକୁ ୫୬ ଲକ୍ଷରୁ ଅଧିକ ପର୍ଯ୍ୟଟକଙ୍କ ଆଗମନ ହୋଇଛି । ଜଗନ୍ନାଥ ଧାମ ପୁରୀକୁ ୨୨ ପ୍ରତିଶତ ଅଧିକ ପର୍ଯ୍ୟଟକଙ୍କ ଆଗମନ ହୋଇଛି । ୨୦୨୫ରେ ପୁରୀକୁ ୨.୪୩ କୋଟି ପର୍ଯ୍ୟଟକ ଆସିଥିଲେ । ଓଡ଼ିଶାକୁ ୧.୧୩ କୋଟିରୁ ଅଧିକ ଦେଶୀ ଓ ୮୭ ହଜାରରୁ ଅଧିକ ବିଦେଶୀ ପର୍ଯ୍ୟଟକ ପୁରୀକୁ ଆସିଥିଲେ । ଏହାର ମୁଖ୍ୟ କାରଣ ହେଉଛି ପର୍ଯ୍ୟଟନ ସହ ସାମୁଦ୍ରିକ ଜଳକ୍ରୀଡ଼ା, ଦୁଃସାହସିକ ପର୍ଯ୍ୟଟନ ଏବଂ ନୂତନ ଆତ୍ୟାଧୁନିକ ହୋଟେଲ୍ ସୁବିଧା । ଉନ୍ନତ ପର୍ଯ୍ୟଟନ ଭିତ୍ତିଭୂମି ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧିର ମୁଖ୍ୟ କାରଣ ବୋଲି ହୋଟେଲିୟର ଓ ପର୍ଯ୍ୟଟନ ଅଧିକାରୀ କହିଛନ୍ତି । ହୋଟେଲିଅର ଯୁବବ୍ରତ କର ନିଜ ପ୍ରତିକ୍ରିୟାରେ କହିଛନ୍ତି, ପୁରୀ ହେଉଛି ଏକ ପର୍ଯ୍ୟଟନ ସହର । ଏଠାରେ ହୋଟେଲଠାରୁ ଅଟୋ ବ୍ୟବସାୟ ସବୁକିଛି ପର୍ଯ୍ୟଟକଙ୍କ ଉପରେ ନିର୍ଭରଶୀଳ । ପୁରୀକୁ ଅଧିକ ପର୍ଯ୍ୟଟକଙ୍କ ଆଗମନ ହେବା ଆମ ପାଇଁ ବହୁତ୍ ଭଲ ଖବର । ଏବେ ଖରାଛୁଟି ଚାଲିଥିବା ବେଳେ ବହୁତ୍ ପର୍ଯ୍ୟଟକଙ୍କ ଆଗମନ ହେଉଛି । ସବୁ ହୋଟେଲ ଶତ ପ୍ରତିଶତ ବୁକିଂ ରହିଛି । ଆଧାତ୍ମିକ ପର୍ଯ୍ୟଟନ ବେଶ୍ ବୃଦ୍ଧି ପାଇବାରେ ଲାଗିଛି । ଏବେ ପୁରୀ ଦେଶର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ମାନ୍ୟତା ହାସଲ କରିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହିତ ସୁନ୍ଦର୍ ବେଳାଭୂମି, ବ୍ଲୁ ଫ୍ଲାଗ ବିଚ୍, କୋଣାର୍କ, ଚିଲିକା ବୁଲିବା ପାଇଁ ବିଶେଷକରି ପରିବାର ସହ ଆସି ବୁଲିବା ପାଇଁ ଏକ ବହୁତ୍ ଭଲ ସ୍ଥାନ । ଏଠାରେ ଆଧାତ୍ମିକ, ପ୍ରାକୃତିକ ପରିବେଶ, ବେଳାଭୂମି, ଐତିହ୍ୟ ସ୍ଥଳୀ ରହିଚି ଯାହାକି ଏକ ଭିନ୍ନ ଅନୁଭୂତି ଦେଉଛି । ତେବେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ବ୍ୟବସ୍ଥା ବୃଦ୍ଧି କରିବାକୁ ହେବ । ଯଦି ପର୍ଯ୍ୟଟକମାନେ ଭଲରେ ମହାପ୍ରଭୁଙ୍କ ଦର୍ଶନ ନ ପାଇବେ, ହୋଟେଲରେ ଭଲ ସୁବିଧା ନ ପାଇବେ, ବେଳାଭୂମିରେ ସ୍ୱଚ୍ଛତା ନ ରହିବ, ତେବେ ପର୍ଯ୍ୟଟକମାନେ ଏକ ତିକ୍ତ ଅନୁଭୂତି ନେଇ ଫେରିବେ । ଅନଲାଇନ ରେଟିଙ୍ଗରେ ଖରାପ ଫିଡବ୍ୟାକ ରହିଲେ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ଆଗମନ ହ୍ରାସ ଘଟିବ । ଏଣୁ ପର୍ଯ୍ୟଟକଙ୍କ ମୌଳିକ ସୁବିଧାରେ ଯେଭଳି କୌଣସି ସମସ୍ୟା ସୃଷ୍ଟି ନ ହୁଏ ସରକାର ଏକ ସ୍ୱତନ୍ତ୍ର ରୋଡମ୍ୟାପ୍ ପ୍ରସ୍ତୁତ କରି କାର୍ଯ୍ୟ କରିବାକୁ ପଡିବ । ଅନେକ ଯୁବ ପୀଢ଼ି ଆସୁଛନ୍ତି । ସୋସିଆଲ ମିଡିଆ ଯୁଗ ରେ କିଛି ଦୁଃସାହସିକ କାର୍ଯ୍ୟ କରିବାକୁ ଯୁବ ପୀଢ଼ି ଚାହୁଁଛନ୍ତି । ଏଣୁ ବେଳାଭୂମି ରେ ଓ୍ୱାଟର ସ୍ପୋର୍ଟସ, ଦୁଃସାହସିକ ଜଳକ୍ରୀଡା ଅଧିକ ରୁ ଅଧିକ ହେବା ଉଚିତ୍ । ଯାହାକୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ । ଦିନକୁ ଦିନ ପୁରୀ ସହରରେ ଗହଳି ବୃଦ୍ଧି ପାଇବାରେ ଲାଗିଛି । ଅଧିକ ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗୁଛି । ଯାହାକି ଏକ ଶାନ୍ତ ପରିବେଶକୁ ନଷ୍ଟ କରୁଛି । ଯାହା ଫଳରେ କି ବିଦେଶୀ ପର୍ଯ୍ୟଟକମାନେ ପୁରୀକୁ ଆଉ ଆସୁନାହାନ୍ତି । ଏହା ଉପରେ ସରକାର ଅଧିକ ଧ୍ୟାନ ଦେଲେ ଅଧିକ ବିଦେଶୀ ପର୍ଯ୍ୟଟକ ମଧ୍ୟ ପୂର୍ବଭଳି ପୁରୀକୁ ଆସିବାକୁ ଆଗ୍ରହ ପ୍ରକାଶ କରିବେ । ହୋଟେଲିଅର ଭବେଶ ନିଜ ପ୍ରତିକ୍ରିୟାରେ କହିଛନ୍ତି, ପୁରୀକୁ ଅଧିକ ପର୍ଯ୍ୟଟକଙ୍କ ଆଗମନ ହେବା ଆମ ପାଇଁ ବହୁତ୍ ଖୁସି ଖବର । ଆଧାତ୍ମିକ ପର୍ଯ୍ୟଟନ ପ୍ରତି ଲୋକମାନେ ଅଧିକ ଆକୃଷ୍ଟ ହେଉଛନ୍ତି । ଆଗକୁ ଆହୁରି ଏହା ବୃଦ୍ଧି ହେବ ବୋଲି ଆମର ଆଶା ରହିଛି । ପୁରୀ ଆସୁଥିବା ପର୍ଯ୍ୟଟକଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଗନ୍ନାଥ ଦର୍ଶନ । ହେଲେ ଭକ୍ତ ମାନେ ଭଲରେ ଟିକେ ମହାପ୍ରଭୁଙ୍କ ଦର୍ଶନ ପାଇପାରୁନାହାନ୍ତି । ଦର୍ଶନ ବ୍ୟବସ୍ଥାକୁ ଅଧିକ ସହଜ ଓ ଶୃଙ୍ଖଳିତ କରାଯିବାର ଆବଶ୍ୟକତା ରହିଛି । ବେଳାଭୂମିରେ ସ୍ୱଚ୍ଛତା ରକ୍ଷା କରାଯିବା ସହ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ୍ । ପୁରୀ ବେଳାଭୂମି, ଚନ୍ଦ୍ରଭାଗାରେ ଅଧିକ ଓ୍ୱାଟର ସ୍ପୋର୍ଟସ, ବିଚ୍ ସ୍ପୋର୍ଟସ ହେବା ଉଚିତ୍ ।

## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ଅଟୋ, ୫ ଆହତ

**ହିଞ୍ଜିଳିକାଟୁ, ୧୧।୫(ନିପ୍ର):** ହିଞ୍ଜିଳି ଥାନା ସିକିରି – ଖରିଡା ମଧ୍ୟବର୍ତ୍ତୀ ରାସ୍ତାରେ ଭାରସାମ୍ୟ ହରାଇ ଏକ ଯାତ୍ରୀବାହୀ ଅଟୋ ବିଦ୍ୟୁତ୍ ଖୁଣ୍ଟ ସହ ଧକ୍କା ଘଟିଛି । ଦୁର୍ଘଟଣାରେ ୫ ଜଣ ଆହତ ହୋଇଛନ୍ତି । ଆହତମାନେ ହେଲେ ହିଞ୍ଜିଳି ଥାନା ଗିରିଆ ଗ୍ରାମର ଲବ ସେଠି (୧୫), କବିସୂର୍ଯ୍ୟନଗର ଥାନା ମୋରାବାଇ ଗ୍ରାମର ସବିତା ସ୍ୱାଇଁ (୪୨), ଉଲ୍ଲୀ ସ୍ୱାଇଁ(୫୫) ଓ ଝାଡବାଇ ଗ୍ରାମର ରଙ୍କ ରାଉଳ । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେମାନଙ୍କ ମଧ୍ୟରୁ ଲବଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ହିଞ୍ଜିଳି ପୁଲିସ ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଘଟଣାର ତଦନ୍ତ ଚଳାଇଛି । ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇନଥିବା ଜଣାପଡିଛି । ପ୍ରକାଶ ଯେ, ଗୁରୁବାର ଅପରାହ୍ଣରେ ହିଞ୍ଜିଳିକାଟୁ ଠାରୁ ଏକ ଯାତ୍ରୀବାହୀ ଅଟୋ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ କବିସୂର୍ଯ୍ୟନଗର ଥାନା ମୋଡାବାଇ ଅଭିମୁଖେ ଯାଉଥିଲା ।

**AFFIDAVIT**

By virtue of an affidavit sworn before The Executive Magistrate, Banpur affidavit no.968 dtd.25.03.2026, I Judhisthir Sahoo S/o-Narayan Sahoo At-Hansaradi Po-Chandeswar, Ps-Tangi Dist-Khordha, Odisha-752023 do hereby declare that I have changed my name from Judhister Sahoo to Judhisthir Sahoo. Henceforth I shall be known as Judhisthir Sahoo for all purposes.

**Sd/-Judhisthir Sahoo**

**AFFIDAVIT**

By virtue of an affidavit sworn before Executive Magistrate Keonjhar, dated 10/06/2026 I Rakesh Kumar Toppo Son of Emil Toppo permanent Address AT- Jatenpada, PO- Rasarajpur, P.S- Sundergarh, Dist-Sundergarh, pin- 770002 declare that I have changed the name of my Daughter from Angel Ev Toppo to Angel Emil Valeria Toppo henceforth, I shall be known as Angel Emil Valeria Toppo for all purposes.

**Sd/-Rakesh Kumar Toppo**

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ